# ଭୁବନେଶ୍ୱର ହେବ ୨ ପୋଲିସ ଜିଲା

## ରହିବେ ଦୁଇ ଡିସିପି, ପ୍ରସ୍ତାବ ଦେଲା କମିଶନରେଟ୍ ପୋଲିସ

ଭୁବନେଶ୍ୱର, ୨୩।୩(ସତ୍ୟଜିତ୍ ରାଉତ)




ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ପୂର୍ବାପେକ୍ଷା ଜନସଂଖ୍ୟା ବଢ଼ିବାରେ ଲାଗିଛି। ଏପରି କି ମାମଲା ସଂଖ୍ୟାରେ ବୃଦ୍ଧି, ଆଇନଶୃଙ୍ଖଳା ଚ୍ୟାଲେଞ୍ଜ, ବିକ୍ଷୋଭ ଓ ସହରକୁ ନିୟମିତ ଭିଭିଆଇପି ତଥା ଭିଆଇପି ଗସ୍ତକୁ ନେଇ କମିଶନରେଟ୍ ପୋଲିସ ଚିନ୍ତାରେ ପଡୁଛି। ତେବେ ଏଭଳି ସମସ୍ୟାକୁ ଦୂର କରିବାକୁ ଭୁବନେଶ୍ୱର ୟୁପିଡିର ନବକଳେବର କରିବାକୁ ଯୋଜନା ହୋଇଛି। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାକୁ ଦୁଇ ଭାଗ କରାଯାଇ ଦୁଇ ୟୁପିଡି (ଅର୍ବାନ୍ ପୋଲିସ ଡିଷ୍ଟ୍ରିକ୍ଟ) କରାଯିବ। ଏଥିରେ ଦୁଇଜଣ ଡିସିପିଙ୍କୁ ନିଯୁକ୍ତ କରାଯିବ। ଆଇନଶୃଙ୍ଖଳା ପରିଚାଳନା ପାଇଁ ସ୍ୱତନ୍ତ୍ର ଫୋର୍ସ ରହିବ। ଏନେଇ ପୋଲିସ ଡିଜିଙ୍କୁ କମିଶନରେଟ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏଥିପାଇଁ ଆବଶ୍ୟକ ଥିବା ମାନବସମ୍ବଳ ଯୋଗାଇ ଦେବାକୁ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। କମିଶନରେଟ ପୋଲିସର ଏହି ପ୍ରସ୍ତାବକୁ ଗୃହ ବିଭାଗକୁ ପଠାଯାଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି।

ପ୍ରସ୍ତାବ ଅନୁଯାୟୀ, ଭୁବନେଶ୍ୱର ପୂର୍ବ(ଇଷ୍ଟ) ଓ ପଶ୍ଚିମ(ୱେଷ୍ଟ) ୟୁପିଡି ଭାବରେ ଦୁଇ ସହରାଞ୍ଚଳ ପୋଲିସ ଜିଲା ଗଠନ କରାଯିବ। ପ୍ରତି ୟୁପିଡିରେ ୩ଟି ଲେଖାଏ ଜୋନ୍ ରଖିବାକୁ ପ୍ରସ୍ତାବ ରହିଛି। ଭୁବନେଶ୍ୱର ଇଷ୍ଟ ଅଧୀନରେ ଟ୍ରାଫିକ୍ ଥାନା-୧ ଏବଂ ଭୁବନେଶ୍ୱର ୱେଷ୍ଟ ଅଧୀନରେ ଟ୍ରାଫିକ ଥାନା-୨ ରହିବ। ଭୁବନେଶ୍ୱର ଇଷ୍ଟ ୟୁପିଡି ଅଧୀନରେ କ୍ୟାପିଟାଲ ଜୋନ, ଶ୍ରୀ ଲିଙ୍ଗରାଜ ଓ ଇଷ୍ଟର୍ନ ଜୋନ ରହିବ। କ୍ୟାପିଟାଲ ଜୋନରେ ଖାରବେଳନଗର, କ୍ୟାପିଟାଲ, ମହିଳା, ଶହୀଦନଗର ଥାନା ରହିବାକୁ ଥିବାବେଳେ ଲିଙ୍ଗରାଜ ଜୋନରେ ଲିଙ୍ଗରାଜ, ଧଉଳି, ଏୟାରପୋର୍ଟ, ଏୟାରଫିଲ୍ଡ ଏବଂ ଇଷ୍ଟର୍ନ ଜୋନ୍‌ରେ ବାଲିଅନ୍ତା, ବାଲିପାଟଣା, ବଡ଼ଗଡ, ଲକ୍ଷ୍ମୀସାଗର ଏବଂ ପାହାଳ ଥାନା ରହିବ। ସେହିପରି ଭୁବନେଶ୍ୱର ୱେଷ୍ଟ ୟୁପିଡିରେ ଖଣ୍ଡଗିରି ଜୋନ୍, ମୈତ୍ରୀ ବିହାର ଓ ନନ୍ଦନକାନନ ଜୋନ୍ ରହିବ। ଖଣ୍ଡଗିରି ଜୋନ ଅଧୀନରେ ଖଣ୍ଡଗିରି, ଭରତପୁର, ତମାଣ୍ଡୋ, ଜଟଣୀ, ଇନ୍‌ଫୋଭ୍ୟାଲି ଥାନା ରହିବାକୁ ଥିବାବେଳେ ମୈତ୍ରୀ ବିହାର ଜୋନ୍‌ରେ ନୟାପଲ୍ଲୀ, ମଞ୍ଚେଶ୍ୱର, ମୈତ୍ରୀ ବିହାର ଓ ସାଇବର ଥାନା ରହିବ। ସେହିପରି ନନ୍ଦନକାନନ ଜୋନରେ ନନ୍ଦନକାନନ, ଇନ୍‌ଫୋସିଟି, ଚନ୍ଦ୍ରଶେଖରପୁର, ଚନ୍ଦକା, ମେଣ୍ଢାଶାଳ ଶିଳ୍ପାଞ୍ଚଳ ଥାନା ରହିବ। ସହରରେ ବଢୁଥିବା ଅପରାଧ ହାର ନିୟନ୍ତ୍ରଣ କରିବାକୁ ଏହି ପଦକ୍ଷେପ ନିଆଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୦୮ ଜାନୁଆରୀ ୧ରେ କମିଶନରେଟ୍ ପୋଲିସ ଗଠନ ହେବା ପରେ ଲୋକ ଓ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୦୮ରେ ଭୁବନେଶ୍ୱର ୟୁପିଡିର ଜନସଂଖ୍ୟା ୧୨,୬୬, ୩୪୦ ଥିଲା। ହେଲେ ଏହି ସଂଖ୍ୟା ବଢ଼ି ୨୦୨୪ରେ ୨୭,୬୪,୪୮୮ ହୋଇଛି। ଏବେ ଥାନା ସଂଖ୍ୟା ୨୯ରେ ପହଞ୍ଚିଛି। ଏଥିସହ ବାର୍ଷିକ ପଞ୍ଜୀକୃତ ମାମଲା ସଂଖ୍ୟା ୨୦୦୮ରେ ୪,୫୬୬ ଥିବାବେଳେ ୨୦୨୪ରେ ୧୩,୪୧୧ରେ ପହଞ୍ଚିଛି। ସହରରେ କ୍ରାଇମ୍ ନେଟୱର୍କ(ଆପରାଧିକ କାର୍ଯ୍ୟକଳାପ) ମଧ୍ୟ ବଢ଼ିଛି। ସେହିପରି ଗାଡ଼ି ସଂଖ୍ୟା ବହୁଗୁଣ ହୋଇଛି। ୨୦୦୮ରେ ୩୯,୮୭୩ ଗାଡ଼ି ପଞ୍ଜୀକୃତ ଥିବାବେଳେ ୨୦୨୪ରେ ଏହି ସଂଖ୍ୟା ୯୧,୫୩୩ରେ ପହଞ୍ଚିଛି। ଜେଡ୍ ପ୍ଲସ୍, ଜେଡ୍, ୱାଇ ଆଦି ବର୍ଗରେ ସୁରକ୍ଷା ଦିଆଯାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଥିବାରୁ ସେମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ପୋଲିସ ଉପରେ ଚାପ ପଡୁଛି। ଆଇନଶୃଙ୍ଖଳା ଓ ଭିଭିଆଇପି ଗସ୍ତକୁ ପରିଚାଳନା ପାଇଁ ସ୍ୱତନ୍ତ୍ର ୫ ପ୍ଲାଟୁନ୍ ଆର୍ମଡ ପୋଲିସ ରିଜର୍ଭଡ(ଏପିଆର୍) ରଖାଯିବ। ତେବେ ବର୍ତ୍ତମାନ ସାଇବର ଥାନା ୱେଷ୍ଟ ୟୁପିଡିରେ ରହିବାକୁ ଥିବାବେଳେ ଇଷ୍ଟ ୟୁପିଡିରେ ଆଉ ଏକ ନୂଆ ସାଇବର ଥାନା ପ୍ରତିଷ୍ଠା କରାଯିବ। ସେହିପରି ୱେଷ୍ଟ ୟୁପିଡିରେ ନୂଆ କରି କ୍ରାଇମ ଏଗେନେଷ୍ଟ ଓମେନ୍ ଆଣ୍ଡ ଚିଲ୍ଡ୍ରେନ୍ ୟୁନିଟ୍ ଖୋଲାଯିବାକୁ ପ୍ରସ୍ତାବ ଦିଆଯାଇଛି।

### ୯୯୪ ପଦବୀ ସୃଷ୍ଟି ପାଇଁ ପ୍ରସ୍ତାବ

ସମ୍ପ୍ରତି ଭୁବନେଶ୍ୱର ୟୁପିଡିରେ ଥିବା ମାନବସମ୍ବଳକୁ ଦୁଇ ଭାଗ କରାଯିବା ପରେ ଆଉ ୯୯୪ ପଦବୀ ସୃଷ୍ଟି ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିମଧ୍ୟରେ ରିଜର୍ଭ ଅଫିସରେ ୫୫୫, ଷ୍ଟ୍ରାଇକିଂ ଫୋର୍ସରେ ୧୦୫ ଓ ଆଇନ ଶୃଙ୍ଖଳା ପାଇଁ ୫ ପ୍ଲାଟୁନ୍‌ରେ ୧୭୫ ଜଣଙ୍କୁ ମିଶାଇ ୮୩୫ ପଦବୀ ରହିଛି। ସେହିପରି ଜଣେ ଡିସିପି, ଦୁଇ ଅତିରିକ୍ତ ଡିସିପି, ୪ ଏସିପି, ୩ ଇନ୍‌ସ୍ପେକ୍ଟରଙ୍କୁ ମିଶାଇ ୧୨୬ ଜଣ ପୋଲିସ ଅନ୍ୟାନ୍ୟ ପଦବୀ ରହିଛି। ଏଥିସହ ନୂଆ ସାଇବର ଥାନା ପାଇଁ ଆଉ ୬ ଆଉଟସୋର୍ସିଂ ପଦବୀ ରହିଛି। ଏଥିପାଇଁ ଦରମା ଓ ଆନୁଷଙ୍ଗିକ ସୁବିଧା ବାବଦରେ ପ୍ରତିମାସ ୪,୪୮,୮୯,୩୭୯ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ବାର୍ଷିକ ୫୬,୧୯,୯୭,୧୪୮ ଟଙ୍କା ବ୍ୟୟ କରାଯିବ ବୋଲି ପ୍ରସ୍ତାବ ରହିଛି।

### ଚନ୍ଦ୍ରଶେଖରପୁର କିମ୍ବା ଇନ୍‌ଫୋସିଟି ଅଞ୍ଚଳରେ ନୂଆ ୱେଷ୍ଟ ଡିସିପି ଅଫିସ

ପ୍ରସ୍ତାବିତ ଭୁବନେଶ୍ୱର ୱେଷ୍ଟ ୟୁପିଡି ପ୍ରଥମ ପର୍ଯ୍ୟାୟରେ ଚନ୍ଦ୍ରଶେଖରପୁର କିମ୍ବା ଇନ୍‌ଫୋସିଟି ଥାନା ଅଞ୍ଚଳରେ ଭଡ଼ାଘରେ କାର୍ଯ୍ୟକାରୀ ହେବ। ସରକାରଙ୍କ ପକ୍ଷରୁ ଏଥିପାଇଁ ନୂଆ ସ୍ଥାନ ଚିହ୍ନଟ ସହ କୋଠା ନିର୍ମାଣ ନ ହେବା ଯାଏ ଭଡ଼ାଘରେ ଏହି ଅଫିସ ଚାଲିବ ବୋଲି ପ୍ରସ୍ତାବ ଦିଆଯାଇଛି।



ଭୁବନେଶ୍ୱର ଲଳିତକଳା ଏକାଡେମୀଠାରେ ଚାଲିଥିବା ଫଟୋଗ୍ରାଫି ଓ ଚିତ୍ରକଳା ପ୍ରଦର୍ଶନୀ 'ଚିତ୍ରବର୍ଣ୍ଣାଳି'ର ଶେଷ ଦିବସରେ କଳାପ୍ରେମୀଙ୍କ ଭିଡ଼।

## ଫଟୋଗ୍ରାଫି, ଚିତ୍ରକଳା ପ୍ରଦର୍ଶନୀ 'ଚିତ୍ରବର୍ଣ୍ଣାଳି' ଉଦ୍‌ଯାପିତ

ଭୁବନେଶ୍ୱର, ୨୩।୩
(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ଫଟୋଗ୍ରାଫି ଫାଉଣ୍ଡେଶନ ପକ୍ଷରୁ ଲଳିତକଳା ଏକାଡେମୀଠାରେ ୭ ଦିନ ଧରି ଚାଲିଥିବା ୭ମ ବାର୍ଷିକ ଫଟୋଗ୍ରାଫି ଓ ଚିତ୍ରକଳା ପ୍ରଦର୍ଶନୀ 'ଚିତ୍ରବର୍ଣ୍ଣାଳି' ରବିବାର ଉଦ୍‌ଯାପିତ ହୋଇଯାଇଛି। ଫଟୋଗ୍ରାଫରଙ୍କ ପକ୍ଷରୁ ୱାଇଲ୍ଡ ଲାଇଫ୍ ଏବଂ ଓପନ୍ ଥିମ୍(ଷ୍ଟ୍ରିଟ୍, ମାକ୍ରୋ ଏବଂ ଲ୍ୟାଣ୍ଡସ୍କେପ୍) ଫଟୋ ପ୍ରଦର୍ଶିତ କରାଯାଇଥିଲା। ଫଟୋଗୁଡ଼ିକୁ ବିଶିଷ୍ଟ ମହିଳା ଫଟୋଗ୍ରାପର ରଥିକା ରାମସ୍ୱାମୀ ମୂଲ୍ୟାୟନ କରିଥିଲେ।



ୱାଇଲ୍ଡ ଲାଇଫ୍ କ୍ଷେତ୍ରରେ ଆଲୋକ ପଟ୍ଟନାୟକ, ଦେବରାଜ ରଥ ଓ ବିଶ୍ୱରଞ୍ଜନ ମିଶ୍ରଙ୍କ ଫଟୋଗୁଡ଼ିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ଓପନ୍ ଥିମ୍‌ରେ ବିଜୟ ବ୍ୟାସ, ସୁନନ୍ଦା ସାହୁ ଓ ଅମ୍ଳାନ୍ ପଟ୍ଟନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଫଟୋଗ୍ରାଫିରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବା ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ରଘୁନାଥ ସାହୁ ଓ ସତ୍ୟନାରାୟଣ ମହାପାତ୍ର ଯୋଗଦେଇଥିଲେ। ଉତ୍କଳ ଫଟୋଗ୍ରାଫି ଫାଉଣ୍ଡେଶନ ମୁଖ୍ୟ ଶ୍ରୀକୃଷ୍ଣ ଦାଶ ଏହାକୁ ପରିଚାଳନା କରିଥିଲେ।

## ନାଟକ ମଞ୍ଚସ୍ଥ ପୂର୍ବରୁ କଳାକାରଙ୍କ ମୃତ୍ୟୁ

ପୁରୀ, ୨୩।୩(ଅଜିତ୍ କୁମାର ମହାନ୍ତି)

ନାଟକ ମଞ୍ଚସ୍ଥ ପୂର୍ବରୁ ଜଣେ କଳାକାରଙ୍କ ମୃତ୍ୟୁ ଘଟିଛି। ନାଟ୍ୟାନୁଷ୍ଠାନ ରଙ୍ଗଶାଳା ପକ୍ଷରୁ ଗତ ୨୦ ତାରିଖଠାରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଜାତୀୟସ୍ତରୀୟ ନାଟ୍ୟ ମହୋତ୍ସବ ଚାଲିଛି। ପ୍ରତି ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଟକ ମଞ୍ଚସ୍ଥ ହେଉଛି। ରବିବାର ଭୁବନେଶ୍ୱରର ମନନ୍ ଅନୁଷ୍ଠାନ ପକ୍ଷରୁ ନାଟକ 'ଆସ୍ଥା' ମଞ୍ଚସ୍ଥ ହେବାର ଥିଲା। କିନ୍ତୁ ଏହା ପୂର୍ବରୁ ନାଟକର ସହ-ନିର୍ଦ୍ଦେଶକ ତଥା ସହ-କଳାକାର ଅୟସ୍କାନ୍ତ ସ୍ୱାଇଁଙ୍କ ମୃତ୍ୟୁ ଘଟିଛି। ନାଟକ ଅଭ୍ୟାସ କରୁଥିବାବେଳେ ଅୟସ୍କାନ୍ତ ସେଠାରେ ହଠାତ୍ ତଳେ ପଡ଼ିଯାଇଥିଲେ। ଅନ୍ୟ କଳାକାରମାନେ ତାଙ୍କୁ ପୁରୀ ବଡ଼ ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅୟସ୍କାନ୍ତଙ୍କ ପରିବାର ଲୋକେ ସୂଚନା ପାଇ ପୁରୀରେ ପହଞ୍ଚିଥିଲେ। ରାତି ହୋଇଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ମଞ୍ଚସ୍ଥ ହେବାକୁ ଥିବା ନାଟକକୁ ସ୍ଥଗିତ ରଖାଯାଇଛି। ସୋମବାର ଶୋକସଭା ଅନୁଷ୍ଠିତ ହେବା ସହ ଶେଷଦିନର ନାଟକ ତାଙ୍କ ପାଇଁ ଉତ୍ସର୍ଗ କରାଯିବ ବୋଲି ରଙ୍ଗଶାଳାର ନିର୍ଦ୍ଦେଶକ ବିକ୍ରମ ସାହୁ କହିଛନ୍ତି।

## ଫେରାର ବଳାତ୍କାର ଅଭିଯୁକ୍ତଙ୍କ ଘରେ ଝୁଲିଲା ଲଟ୍‌କା

ଭୁବନେଶ୍ୱର, ୨୩।୩ (ସୂର୍ଯ୍ୟକାନ୍ତ ବେହେରା)

### ହାଜର ନ ହେଲେ ସମ୍ପତ୍ତି ବାଜ୍ୟାପ୍ତି

ଅପରାଧୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଆପଣାଇଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ଏକ ବଳାତ୍କାର ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା କେଦାରପଲ୍ଲୀର ଅଭିଯୁକ୍ତ ଅକ୍ଷୟ ନାୟକ ଓରଫ ନଣ୍ଡାଙ୍କ ଘର ସମ୍ମୁଖ ଓ କାନ୍ଥରେ ରବିବାର ପୋଲିସ ଲଟ୍‌କା ଜାରି କରିଛି। ନଣ୍ଡା ଆସନ୍ତା ବୁଧବାର ସୁଦ୍ଧା ପୋଲିସ ନିକଟରେ ହାଜର ନ ହେଲେ ତାଙ୍କର ସମସ୍ତ ସମ୍ପତ୍ତିକୁ ସିଜ୍ କରିବା ସହ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ କ୍ୟାପିଟାଲ ଥାନାର ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ରବିବାର କେଦାରପଲ୍ଲୀ ବସ୍ତିରେ ପହଞ୍ଚି ନଣ୍ଡାଙ୍କୁ ପଳାତକ ଘୋଷଣା କରିବା ସହ ଡାକବାଜି ଯନ୍ତ୍ରରେ ଲୋକଙ୍କୁ ଏନେଇ ସୂଚନା ମଧ୍ୟ ଦେଇଛନ୍ତି। ଏସମ୍ପର୍କରେ ଡିସିପି କହିଛନ୍ତି ଅଭିଯୁକ୍ତ ନଣ୍ଡା ୨୦୨୦ରେ ଏକ ପୋକ୍‌ସୋ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ଜାମିନରେ ଆସିବା ପରେ ଆଉ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ ନଣ୍ଡାଙ୍କ ବିରୋଧରେ ପୂର୍ବରୁ ୱାରେଣ୍ଟ ଜାରି କରାଯାଇଛି। ସିଆର୍‌ପିସି ୮୨/୮୩ କିମ୍ବା ବିଏନ୍‌ଏସ ୮୪ /୮୫ ଆଇନ ଅନୁଯାୟୀ ତାଙ୍କର ସମ୍ପତି ବାଜ୍ୟାପ୍ତି କରିବାକୁ ତାଙ୍କ ଘର ଆଗରେ ଲଟ୍‌କା ଜାରି କରାଯାଇଥିବା ଡିସିପି କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସୂର୍ଯ୍ୟପ୍ରସାଦ



@ ତପନ



@ ଅରବିନ୍ଦ



@ ନାରାୟଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶହୀଦ ଭଗତ ସିଂଙ୍କ ଫାଶୀ ଦିବସ

ଭୁବନେଶ୍ୱର, ୨୩।୩(ବନ୍ଦନା ସେଠୀ)

ବିପ୍ଳବୀ ଶହୀଦ ଭଗତ ସିଂଙ୍କ ୯୪ତମ ଫାଶୀ ଦିବସ ଆଜାଦ ହିନ୍ଦ୍ ଫୌଜ ସଂଘ ପକ୍ଷରୁ ୟୁନିଟ୍-୩ସ୍ଥିତ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ବସନ୍ତ କୁମାର ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭଗତ ସିଂ ଯୁବ ଅବସ୍ଥାରେ ଯେପରି ତାଙ୍କର ଦେଶପ୍ରେମ ପାଇଁ ନିଷ୍ଠା ଦେଖାଇଥିଲେ, ତା'ର ପଟାନ୍ତର ନାହିଁ। ଫାଶୀ ପାଇବା ପୂର୍ବରୁ ସେ କହିଥିଲେ, 'ମୁଁ ଦେଶ ପାଇଁ ଆସିଛି ଓ ଦେଶ ପାଇଁ ମରିବି'। ମୃତ୍ୟୁ ପୂର୍ବରୁ 'ଇନ୍‌କିଲାବ ଜିନ୍ଦାବାଦ୍' କହି ଫାଶୀ ଖୁଣ୍ଟକୁ ଯାଇଥିଲେ ବୋଲି ସଭାପତି ପାଇକରାୟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ତ୍ରିପାଠୀ, ସାମାଜିକ କର୍ମୀ ଗୌରୀଶଙ୍କର ମିଶ୍ର, ପ୍ରସନ୍ନ କୁମାର ଲେଙ୍କା, ପୀତବାସ ମାନସିଂ, ଭରତ ସାହୁ, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ସୁବାସ ରାଉତ ପ୍ରମୁଖ ବିପ୍ଳବୀଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଆଜିର ଯୁବପିଢ଼ି ତାଙ୍କ ପଥ ଅନୁସରଣ କରିବା ଦରକାର ବୋଲି ବକ୍ତାମାନେ କହିଥିଲେ।

## ବିରି ଖାଇଦେଲା ବୋଲି ଶୁଆକୁ ଫାଶୀ

ଭୁବନେଶ୍ୱର, ୨୩।୩ (ବନ୍ଦନା ସେଠୀ)

- ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ
- ପିସିସିଏଫ୍‌ଙ୍କୁ ଅଭିଯୋଗ କଲେ ପ୍ରାଣୀପ୍ରେମୀ

ବନ୍ୟପ୍ରାଣୀଙ୍କୁ ଶିକାର କରି ରାନ୍ଧି ଖାଇବା, ପୋଷା ମନାଇ ରଖିବା ଓ ଅତ୍ୟାଚାର କରିବାର ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ଛଡ଼ାଯାଉଛି। ଏହାକୁ ନେଇ ଅନେକ ସମୟରେ ବିବାଦ ସୃଷ୍ଟି ହେଉଥିବାବେଳେ ଏବେ ଆଉଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ସାମାନ୍ୟ ବିରି ଖାଇଦେଇଥିବାରୁ ଜଣେ ଯୁବକ ଗୋଟିଏ ଶୁଆକୁ ଫାଶୀ ଦେବା ସହିତ ଏହାର ମଜା ନେଉଥିବାର ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଭିଡିଓରେ ଶୁଆଟିର ଦୁଇ ଡେଣାକୁ ଦଉଡିରେ ବାନ୍ଧିବା ସହିତ ତା' ବେକରେ ଦଉଡି ଲଗାଇ ତାକୁ ଫାଶୀ ଦେବା ଭଳି ଦୁଇ ଖୁଣ୍ଟ ମଝିରେ ଓହଳା ଯାଇଛି। ଭଗ୍ନ ପନ୍ଥେଇ ନାମକ ଜଣେ ଯୁବକ ଏହି ଭିଡିଓକୁ ପୋଷ୍ଟ କରିଥିବାବେଳେ ବିରି ଖାଇ ପଳେଇଥିବାରୁ ଆଜି ଫାଶୀ ଖୁଣ୍ଟରେ ଝୁଲାଇ ଦେଇଛି ବୋଲି ବେଶ୍ ଆରାମର ସହ କହୁଥିବା ଦେଖାଯାଇଛି।

ଏପରିକି ଉକ୍ତ ପୋଷ୍ଟରେ ମଧ୍ୟ ସେ ନିଜ ନାମ ପାଖରେ ଏକ ମୋବାଇଲ୍ ନଂ. ୯୫୦୨୮୨୧୭୧୮ ଉଲ୍ଲେଖ କରିଛନ୍ତି। ତେବେ ଏହି ଭିଡିଓକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପରେ ତାହାକୁ ଡିଲିଟ୍ କରାଯାଇଛି। ଶୁଆ ଭଳି ଏକ ନିରୀହ ବନ୍ୟପ୍ରାଣୀକୁ ଏଭଳି କ୍ରୁରତାର ସହ ହତ୍ୟା କରିବାକୁ ନେଇ ପ୍ରାଣୀପ୍ରେମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁଆ ଏକ ବନ୍ୟପ୍ରାଣୀ ହୋଇଥିବାରୁ ଏହାକୁ ପଞ୍ଜୁରିରେ ରଖିବା ଓ ବିକ୍ରି କରିବା ବନ୍ୟପ୍ରାଣୀ ଆଇନ ଅନୁସାରେ ବେଆଇନ। ଏପରି କଲେ ଆଇନ ଉଲ୍ଲଂଘନ ଅଭିଯୋଗରେ ଗିରଫ ଭଳି କାର୍ଯ୍ୟାନୁଷ୍ଠାନର ପ୍ରାବଧାନ ରହିଛି। ମାତ୍ର ଏଠାରେ ଅଭିଯୁକ୍ତ ଜଣକ ସବୁ




ସୋସିଆଲ ମିଡ଼ିଆରେ ପୋଷ୍ଟ ହୋଇଥିବା ଭିଡ଼ଓର ସ୍କ୍ରିନ୍‌ଶଟ୍।

ସୀମା ଟପି ଯାଇଛନ୍ତି। ତେଣୁ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଛି। ଏନେଇ ସ୍ନେକ ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ରବିବାର ପିସିସିଏଫ୍ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝାଙ୍କ ସମେତ ଡିଏଫ୍‌ଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତେବେ ବନ୍ୟପ୍ରାଣୀଙ୍କ ଉପରେ ଅତ୍ୟାଚାର କରିବା, ସେମାନଙ୍କୁ ଶିକାର କରିବା ଭଳି ଫଟୋ ଓ ଭିଡିଓ ପୋଷ୍ଟ ହେଉଥିଲେ ହେଁ ବନ ବିଭାଗ ଏହାକୁ ଗୁରୁତ୍ୱର ସହ ନେଉନାହିଁ। ଫଳରେ ବାରମ୍ବାର ଏଭଳି ଘଟଣା ଘଟିବା ସହିତ ଅନ୍ୟମାନଙ୍କୁ ଏପରି କରିବାକୁ ସାହସ ଯୋଗାଉଛି। ଏହି ଘଟଣା ପୂର୍ବରୁ ଯାଜପୁରରେ ଏକ ଦମ୍ପତି ମାଙ୍କଡ଼ ଧରି ସୋସିଆଲ ମିଡିଆରେ ଡ୍ରାମା କରି ଟଙ୍କା ରୋଜଗାର କରୁଥିଲେ। ବିରୋଧ ପରେ ସେମାନେ ଗିରଫ ହୋଇଥିଲେ ହେଁ ଜାମିନରେ ଆସିବା ପରେ ପୂର୍ବପରି କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ଭଦ୍ରକ ଜିଲାରେ ସାପଧରି ସୋସିଆଲ ମିଡିଆରେ ପୋଷ୍ଟ କରି ଟଙ୍କା ରୋଜଗାର କରୁଥିବା ବ୍ୟକ୍ତି ଗିରଫ ହୋଇଥିଲେ ହେଁ ଜାମିନରେ ଆସି ପୁନର୍ବାର ସାପ ଖେଳାଉଛନ୍ତି। ଏହି ଘଟଣାକୁ ଦୃଢ ଭାବରେ ଦମନ କରାଯାଇଥିଲେ ପୁନର୍ବାର ଏଭଳି ଅଘଟଣ ଘଟି ନ ଥାନ୍ତା ବୋଲି ପ୍ରାଣୀ ପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।

## ଶ୍ରୀମନ୍ଦିର ଦଇତାପତି ନିଯୋଗର ୧୫ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ

ପୁରୀ, ୨୩।୩(ଅଜିତ୍ କୁମାର ମହାନ୍ତି)

### ୨୫ରେ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ ଓ କୋଷାଧକ୍ଷ ନିର୍ବାଚନ

ଶ୍ରୀମନ୍ଦିର ଦଇତାପତି ନିଯୋଗର ନିର୍ବାଚନ ରବିବାର ଶ୍ରୀମନ୍ଦିର ପରିସରରେ ଥିବା ନିଯୋଗ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଯୋଗର ୨୮ ସଦସ୍ୟ ଭାଗନେଇ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ କରିଥିଲେ। ଅପରାହ୍ନ ୪ଟାରେ ଭୋଟ ଗଣିତ ହୋଇଥିଲା। ପ୍ରାର୍ଥୀଙ୍କ ମଧ୍ୟରେ ସର୍ବାଧିକ ଭୋଟ ପାଇଥିବା ୧୫ ଜଣ ପ୍ରାର୍ଥୀ କମିଟିର କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ରାମକୃଷ୍ଣ ଦାସ ମହାପାତ୍ର ୮୭ ଖଣ୍ଡ ଭୋଟ ପାଇଥିବା ବେଳେ ଜଗନ୍ନାଥ ଦାସମହାପାତ୍ର ୬୮, କାର୍ତ୍ତିକ ଦାସ ମହାପାତ୍ର ୮୪, କୀର୍ତ୍ତି ପ୍ରକାଶ ଦାସମହାପାତ୍ର ୮୩, ସବ୍ୟସାଚୀ ଦାସମହାପାତ୍ର ୮୧, ଜଗବନ୍ଧୁ ଦାସମହାପାତ୍ର ୭୭, ଗଣେଶ ଦାସମହାପାତ୍ର ୭୩, ଗଣପତି ଦାସମହାପାତ୍ର ୭୦, ମଧୁସୂଦନ ଦାସମହାପାତ୍ର ୬୭, ଭଗବାନ ଦାସମହାପାତ୍ର, ଶିବାନନ୍ଦ ଦାସମହାପାତ୍ର ଏବଂ ସୁଦର୍ଶନ ଦାସମହାପାତ୍ରଙ୍କୁ ୬୫



ଖଣ୍ଡ, ଦୀପକ କୁମାର ଦାସମହାପାତ୍ର ୬୪, ସୌମ୍ୟ ପ୍ରସାଦ ଦାସମହାପାତ୍ର ୬୩ ଏବଂ ଭବାନୀ ପ୍ରସାଦ ଦାସମହାପାତ୍ର ୬୨ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟପକ୍ଷେ ଆସନ୍ତା ୨୫ ତାରିଖରେ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ ଏବଂ କୋଷାଧକ୍ଷ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବ। ସେମାନଙ୍କ ମଧ୍ୟରୁ ୫ ଜଣ ନିଯୋଗର ବିଭିନ୍ନ ପଦବୀ ପାଇଁ ନିର୍ବାଚିତ ହେବେ। ଅନ୍ୟ ୧୦ଜଣ ନିର୍ବାଚିତ ସଦସ୍ୟ ନିଯୋଗର କମିଟି ମେମ୍ବର ଭାବେ ଦାୟିତ୍ୱ ତୁଲାଇବେ।

**ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ**

ପୁରୁଣା ଭୁବନେଶ୍ୱର,(ସୁବାସ ଚନ୍ଦ୍ର ପ୍ରଧାନ): ଏକାମ୍ର ନିର୍ବାଚନମଣ୍ଡଳୀର ରାଧାରମଣ କଲୋନୀ-କୁମ୍ଭାର ସାହି ରାସ୍ତା କାମ ପାଇଁ ବିଧାୟକ ବାବୁ ସିଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ରାସ୍ତା ହେଲେ ଆଉ ଟ୍ରାଫିକ ସମସ୍ୟା ହେବ ନାହିଁ। ନିର୍ବାଚନୀ ପ୍ରତିଶ୍ରୁତିକୁ ବାସ୍ତବରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ବିଧାୟକ ସିଂ କହିଛନ୍ତି। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ପ୍ରଧାନ, ସୁଭାଷିନୀ ପୃଷ୍ଟି, ଜୟକୃଷ୍ଣ ମଲ୍ଲିଆ, ଭବାନୀ ଶଙ୍କର ମଲ୍ଲିଆ, ବରଦା ପଟ୍ଟନାୟକ, ଲିଙ୍ଗରାଜ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।



# ବର୍ଷ ଶେଷ ପୂର୍ବରୁ ଠିକାଦାରଙ୍କୁ ବକେୟା ବିଲ୍ ମିଳୁ

ଭୁବନେଶ୍ୱର,୨୩।୩(ବନ୍ଦନା ସେଠୀ)

୨୦୨୪-୨୫ ଆର୍ଥିକ ବର୍ଷ ସରି ଆସୁଥିବାବେଳେ ଓଡ଼ିଶାର ବହୁ ଠିକାଦାରଙ୍କ ବିଲ୍ ଏପର୍ଯ୍ୟନ୍ତ ମିଳିପାରିନି। ଏହି ସମସ୍ୟା ପାଇଁ ଠିକାଦାରମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି ଓ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ବାଧା ଉପୁଜୁଛି। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଏହି ବକେୟା ପରିଶୋଧ ବିଳମ୍ବ ହେବାରେ ଲାଗିଛି। ତେଣୁ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଠିକାଦାରଙ୍କ ସମସ୍ତ ବକେୟା ବିଲ୍ ତୁରନ୍ତ ପରିଶୋଧ କରିବା ପାଇଁ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ୱେଲ୍‌ଫେୟାର ଆସୋସିଏଶନ(ଏଓସିଡବ୍ଲ୍ୟୁଏ) ପକ୍ଷରୁ ଦାବି କରାଯାଇଛି। ଏହାଦ୍ୱାରା ଠିକାଦାରମାନେ ସେମାନଙ୍କ କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ଜାରି ରଖିପାରିବେ ଏବଂ ରାଜ୍ୟର ବିକାଶ ପ୍ରକ୍ରିୟାରେ ସହଯୋଗ କରିପାରିବେବୋଲିସଂଘକର୍ମକର୍ତ୍ତା କହିଛନ୍ତି।

# ଓଡିଶା ପ୍ରତି ଚରମ ଅବହେଳାର ପ୍ରତିବାଦ କଲା ଆଜାଦ ହିନ୍ଦ୍ ବାହିନୀ

ଭୁବନେଶ୍ୱର,୨୩।୩(ସୁଚିସ୍ମିତା ସାହୁ)

■ଏପ୍ରିଲ ୧୦ରେ ନୂଆଦିଲ୍ଲୀ ଜନ୍ତରମନ୍ତରଠାରେ ଧାରଣା
■ଦିଲ୍ଲୀ ଚଲୋ ପୋଷ୍ଟର ଲୋକାର୍ପିତ

କେନ୍ଦ୍ର ସରକାର ଓଡିଶା ପ୍ରତି ଚରମ ଅବହେଳା କରୁଛନ୍ତି। ଓଡିଶାର ସମ୍ପଦକୁ ଅନ୍ୟ ରାଜ୍ୟ ସହିତ ସଂଯୋଗ କରିବାରୁ ରାଜ୍ୟକୁ ବହୁ କ୍ଷତି ସହିବାକୁ ପଡୁଛି। ରେଳପଥଠାରୁ ଆରମ୍ଭ କରି ପୋଲାଭରମ ଏବଂ ମହାନଦୀ ପାଇଁ ଅନ୍ୟ ରାଜ୍ୟ ସହିତ ଓଡିଶାର ବିବାଦ ଲାଗି ରହିଛି। କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହିତ ରାଜ୍ୟବାସୀ ଅବହେଳିତ ହେଉଛନ୍ତି ବୋଲି ଆଜାଦ ହୀନ୍ଦ ବାହିନୀ ଅଭିଯୋଗ ଆଣି ଏହାର ପ୍ରତିବାଦ କରିଛି। ଏନେଇ ଶନିବାର ନେତାଜୀ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଜାଦ ହିନ୍ଦ ବାହିନୀର ଓଡିଶା ଅଧ୍ୟକ୍ଷ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି, ଇଷ୍ଟ କୋଷ୍ଟ ରେଳପଥ ଜୋନ୍‌କୁ ବିକଳାଙ୍ଗ କରିବା ପାଇଁ ୱାଲ୍‌ଟିଅର ରେଳ ଡିଭିଜନକୁ ଭାଙ୍ଗି ଦିଆଯାଉଛି। ବିଶାଖପାଟଣା ସମେତ ଅନ୍ୟ ଅଞ୍ଚଳ ସବୁକୁ ସାଉଥ୍ କୋଷ୍ଟ ରେଳପଥ ଜୋନ୍ ଅଧୀନକୁ ଟେକି ଦିଆଯାଉଛି। ସେହିପରି ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ ଓ ଝାରସୁଗୁଡା ଆଦି ଜିଲାର ଖଣିଜ ଅଞ୍ଚଳଗୁଡିକ ଅନ୍ୟ ରାଜ୍ୟର ରେଳଜୋନ୍‌ରେ ରହିଛି। ସେଗୁଡିକୁ ଇଷ୍ଟ କୋଷ୍ଟ ରେଳପଥ ଜୋନ୍‌ରେ ସାମିଲ କରାଯାଉ। ରାଉରକେଲା, ରାଜଗାଙ୍ଗପୁର, ଝାରସୁଗୁଡା, ଇବ୍, ବ୍ରଜରାଜନଗର ଓ ବାଲେଶ୍ୱର ପରି ପ୍ରାକୃତିକ ସମ୍ପଦରେ ସମୃଦ୍ଧଶାଳୀ ଓଡ଼ିଶା ରେଳପଥର ଟ୍ରାନ୍ସପୋର୍ଟେଶନ ହବ ଭାବେ ପରିଚିତ ଅଞ୍ଚଳଗୁଡିକୁ ଇଷ୍ଟ କୋଷ୍ଟ ରେଳପଥରେ ସାମିଲ କରାଯାଉ। ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀରେ ନିର୍ମାଣ ହେଉଥିବା 'ପୋଲାଭରମ ଡ୍ୟାମ'ର ଉଚ୍ଚତା ବୃଦ୍ଧି ଫଳରେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ଅଧିକାଂଶ ଅଞ୍ଚଳ ପାଣିରେ ବୁଡିଯିବ। ପୋଲାଭରମ ପ୍ରକଳ୍ପର ଉଚ୍ଚତା ହ୍ରାସ ସହ ମାଲକାନଗିରି ଜିଲାବାସୀଙ୍କୁ ବାସଚ୍ୟୁତ ହେବାରୁ ରକ୍ଷା କରାଯାଉ। ଓଡିଶା ଜୀବନରେଖା ମହାନଦୀ ଉପରେ ଛତିଶଗଡ ରାଜ୍ୟ କର୍ତ୍ତୃତ୍ୱ ବିସ୍ତାର ସ୍ୱରୂପ ଅନେକ ବେଆଇନ ନିର୍ମାଣ ଫଳରେ ମହାନଦୀ ଅବବାହିକାରେ ଖରାଦିନେ ଜଳାଭାବର ସମସ୍ୟା ଉତ୍କଟ ରୂପ ନେବାରେ ଲାଗିଛି। ଓଡିଶାରେ ଅଜସ୍ର ପ୍ରାକୃତିକ ଓ ଖଣିଜ ସମ୍ପଦ ଥିଲେ ସୁଦ୍ଧା ବେକାରି ଓ ଦାଦନ ଚାଲାଣରେ ଓଡିଶା ଆଗୁଆ ରହିଛି। ରାଜ୍ୟର ପ୍ରାକୃତିକ ଖଣିଜ ସମ୍ପଦକୁ ଦେଶୀ-ବିଦେଶୀ ପୁଞ୍ଜିପତିମାନେ ଲୁଟ୍ କରୁଛନ୍ତି। ଏହାର ସଫଳ ବିନିଯୋଗ କରି ଓଡିଆ ଯୁବପିଢ଼ିଙ୍କୁ କର୍ମ ନିଯୁକ୍ତି ପ୍ରଦାନ ଦାବିରେ ଆଜାଦ ହିନ୍ଦ ବାହିନୀ ଓଡିଶା ପକ୍ଷରୁ ଏପ୍ରିଲ ୧୦ରେ ନୂଆଦିଲ୍ଲୀସ୍ଥିତ ଜନ୍ତରମନ୍ତରଠାରେ ଧାରଣା ଦିଆଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଦିଲ୍ଲୀ ଚଲୋ କାର୍ଯ୍ୟକ୍ରମ ନିମନ୍ତେ ଏକ ପୋଷ୍ଟର ଲୋକାର୍ପଣ କରାଯାଇଥିଲା। ଏହି ସମ୍ମିଳନୀରେ ଆଜାଦ ହିନ୍ଦ ବାହିନୀର ସାଧାରଣ ସମ୍ପାଦିକା ସୁବତୀ ଦଳାଇ, ସଂଯୋଜକ ସୁଶିଲ ଥାନପତି, ଲକ୍ଷ୍ମୀ ଦୋରା, ଇଜନ ଭଜ, ଦିଶା ଆଜାଦ ପ୍ରମୁଖ ଉପସ୍ଥିତ ଥିଲେ।

# କିଟ୍, କିସ୍ ପରିଦର୍ଶନରେ ୱାଶିଂଟନ ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳୀ



କିଟ୍, କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ୱାଶିଂଟନ ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳୀ।

ଭୁବନେଶ୍ୱର,୨୩।୩(ଅନୁରାଧା ମହାରଣା)

ୱାଶିଂଟନ ବିଶ୍ୱବିଦ୍ୟାଳୟ ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳୀ ଗତ ୧୯ ତାରିଖରୁ ୧୦ ଦିନିଆ ଶୈକ୍ଷିକ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପରିଦର୍ଶନରେ ଆସିଛନ୍ତି। ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ପରିଦର୍ଶନ କରିବା ସହ କିସ୍‌ର ବିଭିନ୍ନ ୟୁନିଟ୍ ବୁଲି ଦେଖିଥିଲେ। ଏହି ପ୍ରତିନିଧିମଣ୍ଡଳୀ ପ୍ରଥମ ଦିନରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ଶିକ୍ଷା, କଳା ଓ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସାମନ୍ତଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ରହିଥିଲା। ୱାଶିଂଟନ ବିଶ୍ୱବିଦ୍ୟାଳୟ ପ୍ରଫେସର ଅଖ୍ତର ବାଦ୍‌ଶାହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୱାଶିଂଟନ ବିଶ୍ୱବିଦ୍ୟାଳୟ ବୋଥେଲର ୧୧ଜଣ ଛାତ୍ରୀଛାତ୍ର ଏବଂ କିଟ୍ ମ୍ୟାନେଜ୍‌ମେଣ୍ଟ ସ୍କୁଲର ୨ଜଣ ଛାତ୍ରୀଛାତ୍ର ମିଳିତ ଭାବେ ଏକ ପ୍ରକଳ୍ପରେ ତାଲିମ ଗ୍ରହଣ କରିବେ। ଏହାସହିତ ୫ଜଣ ଅଧ୍ୟାପକ କିଟ୍ ଓ କିସ୍‌ରେ ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ନିୟୋଜିତ ହେବା ସହ ଶ୍ରେଣୀଗୃହ ଶିକ୍ଷାଦାନ ଓ ଶୈକ୍ଷିକ ଆଲୋଚନାରେ ଭାଗନେବେ।

# ଯୋଗ ମାଧ୍ୟମରେ ରୋଗର ଉପଚାର ସମ୍ଭବ

ଭୁବନେଶ୍ୱର, ୨୩।୩ (ବନ୍ଦନା ସେଠୀ)

ଭିଏସ୍‌ଏସ୍ ଯୋଗ ଜିଲା ଆନୁକୂଲ୍ୟରେ ଜଗନ୍ନାଥ ନଗରଠାରେ ରବିବାର ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ରାଧାକୃଷ୍ଣ ମହିଳା ଯୋଗ କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ ମହାପାତ୍ର ଏଥିରେ ସଭାପତିତ୍ୱ କରି ଯୋଗ ମାଧ୍ୟମରେ ରୋଗର ଉପଚାର ସମ୍ଭବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଜାଗମରାସ୍ଥିତ କୃଷ୍ଣଚନ୍ଦ୍ର ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଭାକର ମିଶ୍ର ଯୋଗଦେଇ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଥିବା ଯୋଗ ବିଷୟରେ ଆଲୋକପାତ କରିଥିଲେ। ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତ ସଂଗଠନ ମନ୍ତ୍ରୀ ଅକ୍ଷୟ ସ୍ୱାଇଁ, ପ୍ରାନ୍ତ ସଦସ୍ୟ ରାମାୟା ରେଡ୍ଡି, ଭିଏସଏସ ଯୋଗ ଜିଲା ପ୍ରଧାନ ବୁଦ୍ଧଦେବ ମୁଣ୍ଡା, ସଂଗଠନ ମନ୍ତ୍ରୀ ସୌଭାଗ୍ୟ କୁମାର ଜେନା ଯୋଗଦେଇଥିଲେ। ଉତ୍ସବରେ ଯୋଗ ଜିଲାର ସମସ୍ତ ସାଧିକା ସାଧକଙ୍କ ଦ୍ୱାରା ଯୋଗ ସାଧନା କାର୍ଯ୍ୟକ୍ରମ କରାଯାଇଥିଲା। ଯୋଗକେନ୍ଦ୍ରର ପ୍ରମୁଖ ସୁଷମା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ ଓ ଏକାମ୍ର କ୍ଷେତ୍ର ପ୍ରଧାନ ସୀତାରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ରାଧାକୃଷ୍ଣ ମହିଳା ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମ।



ଶତାବ୍ଦୀର କଳାକାର ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା କଳିଙ୍ଗ ନାଟ୍ୟ ମହୋତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ଆସାମର ପୂର୍ବରଙ୍ଗର କଳାକାରଙ୍କ ଦ୍ୱାରା ପରିବେଷିତ ଅହମୀୟା ନାଟକ 'ଦ୍ରୋଣାଚାର୍ଯ୍ୟ'ର ଏକ ଦୃଶ୍ୟ।

# ମୋକ୍ଷପ୍ରାପ୍ତି କଲା ଅହମୀୟା ନାଟକ 'ଦ୍ରୋଣାଚାର୍ଯ୍ୟ'

ଭୁବନେଶ୍ୱର,୨୩।୩(ସୌମ୍ୟରଞ୍ଜନ ରାଉତ)

**କଳିଙ୍ଗ ନାଟ୍ୟ ମହୋତ୍ସବ**

ଦ୍ରୋଣାଚାର୍ଯ୍ୟଙ୍କ ଦ୍ୱାରା ଅପମାନିତ ହୋଇଥିବା ରାଜା ଦ୍ରୁପଦ ପ୍ରତିଶୋଧ ପରାୟଣ ହୋଇ ଧୃଷ୍ଟଦ୍ୟୁମ୍ନଙ୍କୁ ଯୁଦ୍ଧବିଦ୍ୟା, ଅସ୍ତ୍ରଚାଳନା, ତୀରନ୍ଦାଜୀ ଶିକ୍ଷା ପାଇଁ ଦ୍ରୋଣାଚାର୍ଯ୍ୟଙ୍କ ପାଖକୁ ପଠାଇଥିଲେ। ଉଦ୍ଦେଶ୍ୟ ଥିଲା ଅର୍ଜୁନଙ୍କ ସମକକ୍ଷ ଯୋଦ୍ଧା ହୋଇ ଧୃଷ୍ଟଦ୍ୟୁମ୍ନ ଦ୍ରୋଣାଚାର୍ଯ୍ୟଙ୍କୁ ପରବର୍ତ୍ତୀ ସମୟରେ ନିହତ କରି ରାଜା ଦ୍ରୁପଦଙ୍କ ଅପମାନର ପ୍ରତିଶୋଧ ନେବେ। ଦ୍ରୁପଦଙ୍କର ଏହି ଉଦ୍ଦେଶ୍ୟ ଭଗବାନ ଶ୍ରୀକୃଷ୍ଣଙ୍କୁ ଅଛପା ନ ଥିଲା। ଭଗବାନ ଶ୍ରୀକୃଷ୍ଣ ଏକଲବ୍ୟଙ୍କ ଅବତାର ରୂପେ ଧୃଷ୍ଟଦ୍ୟୁମ୍ନଙ୍କୁ ଉପସ୍ଥାପନା କରିଥିଲେ। ଗୁରୁ ଦ୍ରୋଣାଚାର୍ଯ୍ୟ କୌରବ ପକ୍ଷରୁ ମହାଭାରତ ଯୁଦ୍ଧରେ ସେନାପତି ହୋଇ ଥିଲେ। ଧୃଷ୍ଟଦ୍ୟୁମ୍ନଙ୍କୁ ଅପରାଜେୟ ବୀର ରୂପେ ଗଢ଼ିବାର ମୋହ ତାଙ୍କର ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା। ଦ୍ରୋଣାଚାର୍ଯ୍ୟ ଗୁରୁଦକ୍ଷିଣା ଆଳରେ ଶିଷ୍ୟ ଏକଲବ୍ୟଙ୍କ ପ୍ରତି କରିଥିବା ଅନ୍ୟାୟର ଅନୁତାପ ନିଆଁରେ ଜଳୁଥିଲେ। ତାଙ୍କ ପାପରୁ ମୁକ୍ତି ଓ ମୋକ୍ଷପ୍ରାପ୍ତି ପାଇଁ ଧୃଷ୍ଟଦ୍ୟୁମ୍ନଙ୍କ ଦ୍ୱାରା ନିହତ ହେବା ହିଁ ଏକମାତ୍ର ମାର୍ଗ ବୋଲି ସେ ଜାଣିଥିଲେ। କାରଣ ଧୃଷ୍ଟଦ୍ୟୁମ୍ନ ଏକଲବ୍ୟଙ୍କ ଅବତାର ଥିଲେ। ମହାଭାରତ ଯୁଦ୍ଧ ପାଇଁ ଶ୍ରୀକୃଷ୍ଣ ଓ ଶକୁନୀଙ୍କୁ ମୁଖ୍ୟତଃ ଦାୟୀ କରାଯାଏ, କିନ୍ତୁ ଦ୍ରୋଣାଚାର୍ଯ୍ୟଙ୍କର ପ୍ରକୃତ ମୋକ୍ଷପ୍ରାପ୍ତି ଓ କରିଥିବା ପାପରୁ ମୁକ୍ତିର ଉଦ୍ଦେଶ୍ୟକୁ ମଧ୍ୟ ସମାନ ଭାବରେ ଦାୟୀ କରାଯାଇପାରେ। ଏପରି ପୌରାଣିକ ଘଟଣାବଳୀକୁ ନେଇ ଶତାବ୍ଦୀର କଳାକାର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା କଳିଙ୍ଗ ନାଟ୍ୟ ମହୋତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ଅହମୀୟା ନାଟକ 'ଦ୍ରୋଣାଚାର୍ଯ୍ୟ'। ଆସାମର ପୂର୍ବରଙ୍ଗର କଳାକାରମାନେ ଚମତ୍କାର ଅଭିନୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ସଭାପତି ମନମୋହନ ସାମଲ, ସମ୍ମାନିତ ଅତିଥି ଏକାମ୍ର ବିଧାୟକ ବାବୁ ସିଂ, ପିପିଏଲ୍‌ର ଭୁବନେଶ୍ୱରର ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର, ନାଟ୍ୟକାର ଶଙ୍କର ତ୍ରିପାଠୀ, ନାଟ୍ୟକାର ଡ. ନାରାୟଣ ସାହୁ, ସଙ୍ଗଠନ ସମ୍ପାଦକ ଧୀର ମଲ୍ଲିକ ଉପସ୍ଥିତ ଥିଲେ। ଚିତ୍ତରଞ୍ଜନ ରାୟମହାପାତ୍ର, ମୁକୁନ୍ଦ ଶତପଥୀ ଓ ହରପ୍ରିୟା ପୃଷ୍ଟିଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ' ଏବଂ ସୁମତୀ ପଣ୍ଡାଙ୍କୁ 'ଗୟାଧର ସମ୍ମାନ' ପ୍ରଦାନ କରାଯାଇଥିଲା।

# ତିନି ସଂଗ୍ରାମୀଙ୍କ ଫାଶୀ ଦିବସରେ ସିପିଆଇ(ଏମ୍)ର ବିକ୍ଷୋଭ

ଭୁବନେଶ୍ୱର,୨୩।୩(ସୁଚିସ୍ମିତା ସାହୁ)

ଭାରତର ସ୍ୱାଧୀନତା ପାଇଁ ନିଜକୁ ସମର୍ପିତ କରିଥିବା ଭଗତ ସିଂ, ସୁଖଦେବ ଏବଂ ରାଜଗୁରୁଙ୍କ ଫାଶୀ ଦିବସ ରବିବାର ସିପିଆଇ(ଏମ)ର ଭୁବନେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ପାଲେଷ୍ଟାଇନ୍‌ର ଗାଜାଷ୍ଟ୍ରିପ୍ ଉପରେ ଆକ୍ରମଣକୁ ତୀବ୍ର ନିନ୍ଦା କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇଏମ୍‌ର ଭୁବନେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ପ୍ରଦୀପ୍ତ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ବିକ୍ଷୋଭରେ ଦଳର ରାଜ୍ୟ ସମ୍ପାଦକ ସୁରେଶଚନ୍ଦ୍ର ପାଣିଗ୍ରାହୀ ଗାଜାଷ୍ଟ୍ରିପରେ ତୁରନ୍ତ ଇସ୍ରାଏଲ ନରସଂହାର ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ଶହୀଦ ଦିବସରେ ଆମେରିକା ସାମ୍ରାଜ୍ୟବାଦର ବୋକ୍‌ଚାବୁହା ଇସ୍ରାଏଲ ଶାନ୍ତି ଚୁକ୍ତିକୁ ଭଙ୍ଗ କରି ପୁନର୍ବାର ପାଲେଷ୍ଟାଇନର ଗାଜାଷ୍ଟ୍ରିପ ଉପରେ ବୋମାବର୍ଷଣ କରି ନରସଂହାର ଆରମ୍ଭ କରିଦେଇଛି। ଗଣତନ୍ତ୍ର ଓ ଶାନ୍ତି ପାଇଁ ଆମେରିକାର ସମ୍ରାଜ୍ୟବାଦ ଓ ନବ୍ୟ ଫାଶୀବାଦ ବିରୋଧରେ ଲଢେଇ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସିପିଆଇଏମ୍ ନେତା ପ୍ରଭାତ ପାଣିଗ୍ରାହୀ, ଏସ୍‌ଏଫଆଇ ରାଜ୍ୟ ଆବାହକ ଶୁଭ୍ରାଂଶୁ ଉଦ୍‌ଗାତା ପ୍ରମୁଖ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରତିଷ୍ଠା ପାଇଁ ଦାବି କରିଥିଲେ।

# ଏସ୍‌ଏସ୍‌ଟି ଡେଭେଲପର୍ସ ପକ୍ଷରୁ ଗଣଦୌଡ଼

ଭୁବନେଶ୍ୱର,୨୩।୩(ଅଭୟ ଦାଶ)

ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏସ୍‌ଏସ୍‌ଟି ଡେଭଲପର୍ସ ପକ୍ଷରୁ ରବିବାର ଭୁବନେଶ୍ୱର ବାଲିଅନ୍ତାସ୍ଥିତ ଅଟଳଗଡ଼ଠାରେ ଏକ ମେଗା ୱାକାଥନ୍ (ଗଣଦୌଡ଼) ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟ ଓ ମହିଳା ଉଦ୍ୟୋଗୀ ସରୋଜା ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣ କରିଥିବା ଯୁବପିଢ଼ି, ବରିଷ୍ଠ ନାଗରିକ ଓ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଏସ୍‌ଏସ୍‌ଟି ଡେଭେଲପର୍ସର ଏଆର୍ ସୁଚିସ୍ମିତା ପତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏସ୍‌ଏସ୍‌ଟି ଡେଭେଲପର୍ସ ବିଭିନ୍ନ ସମୟରେ ଲୋକଙ୍କ ସୁବିଧା ପାଇଁ ବହୁ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇଛି। ଏଥିରେ ରକ୍ତଦାନ ଶିବିରଠାରୁ ଆରମ୍ଭ କରି ବୃକ୍ଷରୋପଣ ପର୍ଯ୍ୟନ୍ତ ପ୍ରତିବର୍ଷ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଚଳିତ ବର୍ଷ ପ୍ରଥମଥର ପାଇଁ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବାକୁ ଏହି ଗଣଦୌଡ଼ ଆୟୋଜିତ ହୋଇଛି। ଆଗାମୀ ଦିନରେ କିପରି ଏହାକୁ ବ୍ୟାପକ କରାଯାଇ ଅଧିକରୁ ଅଧିକ ଜନସଚେତନତା ସୃଷ୍ଟି କରାଯାଇପାରିବ ସେନେଇ ଅନୁଷ୍ଠାନ ଦୃଷ୍ଟି ଦେବ ବୋଲି ପତି କହିଛନ୍ତି।




ଏସ୍‌ଏସ୍‌ଟି ଡେଭେଲପର୍ସ ପକ୍ଷରୁ ବାଲିଅନ୍ତାସ୍ଥିତ ଅଟଳଗଡ଼ଠାରେ ଅନୁଷ୍ଠିତ ମେଗା ୱାକାଥନ୍।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସଣ୍ଡେଜ୍ ଅନ୍ ସାଇକେଲ'

ବାରଙ୍ଗ/ତ୍ରିଶୂଳିଆ,୨୩।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଫିଟ୍ ଇଣ୍ଡିଆ, ଭାରତୀୟ ଶାରୀରିକ ଶିକ୍ଷା ଫାଉଣ୍ଡେଶନ ଏବଂ ନ୍ୟାଶନାଲ ସ୍ପୋର୍ଟ୍ସ ପ୍ରମୋଶନ ଅର୍ଗାନାଇଜେଶନ, ଓଡ଼ିଶା ଚାପ୍ଟର ଆନୁକୂଲ୍ୟରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ଏକ ମେଗା ସାଇକ୍ଲୋଥନ 'ସଣ୍ଡେଜ୍ ଅନ୍ ସାଇକେଲ' ଆୟୋଜିତ ହୋଇଯାଇଛି। ଏହାକୁ 'ହାସ୍ୟାଗ ପେଡାଲ ଫର୍ ଓବେସିଟି ଫ୍ରି ଇଣ୍ଡିଆ' ବା ମେଦ ବହୁଳତାମୁକ୍ତ ଭାରତ ପାଇଁ ସାଇକ୍ଲିଂ ସ୍ଲୋଗାନ ସହ ପାଳନ କରାଯାଇଥିଲା। ସାଇକ୍ଲୋଥନ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ବାହାରି ନରାଜ ଖେଳପଡ଼ିଆରୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏଥିରେ ବିଭିନ୍ନ ବୟସର ପ୍ରାୟ ୩୨୫ ଜଣ ଉତ୍ସାହୀ ମହିଳା, ପୁରୁଷ ଭାଗ ନେଇଥିଲେ। ଲୋକଙ୍କୁ ମେଦବହୁଳତାରୁ ମୁକ୍ତି ନିମନ୍ତେ ପରିଶ୍ରମ କରିବା, ବିଶେଷକରି ସାଇକେଲ ଚଳାଇବାକୁ ଉତ୍ସାହିତ କରିବା ଥିଲା ଏହି ସାଇକେଲ ଯାତ୍ରାର ଉଦ୍ଦେଶ୍ୟ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସଭାପତି ରଜିତା କୁଲକର୍ଣ୍ଣୀ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ସମେତ ଫାକଲ୍ଟି ଅଫ୍ ହେଲ୍‌ଥ ଆଣ୍ଡ ୱେଲ୍‌ନେସ୍ ବିଭାଗର ଡିନ୍ ପ୍ରଫେସର ଡ. ତୀର୍ଥଙ୍କର ଘୋଷ, ଓଡ଼ିଶା ସାଇକ୍ଲିଷ୍ଟ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ରାଉତ ଏବଂ ଭାରତୀୟ କ୍ରୀଡ଼ା ପ୍ରାଧିକରଣର ବରିଷ୍ଠ କୋଚ୍ ଜନସନ ସିଂ ପ୍ରମୁଖ ଯୋଗଦେଇଥିଲେ।

# ବାଲକାଟୀ ପଞ୍ଚଦୋଳ ମେଳଣ ଉଦ୍‌ଯାପିତ

ବାଲକାଟୀ,୨୩।୩(ମନୋଜ ମଣ୍ଡଳ)

୫ ଦିନ ଧରି ଚାଲିଥିବା ବାଲକାଟୀର ପ୍ରସିଦ୍ଧ ପଞ୍ଚଦୋଳ ମେଳଣ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ହରିହର ଭେଟ ସେହି ସୁନ୍ଦର ପରିବେଶକୁ ଦେଖିବା ଆଉ ମେଳଣ ଉପଭୋଗ କରିବାକୁ ମେଳଣ ପଡ଼ିଆରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରାଜଧାନୀ ଉପକଣ୍ଠର ଏହି ମେଳଣ ଆଗରୁ ୩ ଦିନ ଧରି ପାଳନ ହୋଇ ଆସୁଥିଲାବେଳେ ଚଳିତବର୍ଷଠାରୁ ୫ ଦିନ ପାଳିତ ହୋଇଛି। ୧୯ ତାରିଖ ବିଳମ୍ବିତ ରାତିରେ ମେଳଣର ଜମାଣ ଅନୁଷ୍ଠିତ ହୋଇଥିଲା। ପ୍ରତାପଶାସନ ପଞ୍ଚାୟତର ଆରାଧ୍ୟ ଦେବତା ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ଦେବ ମେଳଣ ଉତ୍ସବର ଥାନପତି ଭାବେ ସର୍ବପ୍ରଥମେ ଜମାଣରେ ବାଣ, ରୋଶଣିରେ ପଡ଼ିଆରେ ପ୍ରବେଶ କରିଥିଲେ। ପରେ ଅନ୍ୟ ବିମାନ ପ୍ରସେଶନରେ ମେଳଣ ପଡ଼ିଆକୁ ଆସିଥିଲେ। ୨୦ ତାରିଖ ସକାଳୁ ଦୋଳ ବିମାନରେ ସୁସଜ୍ଜିତ ଠାକୁରଙ୍କୁ ଦର୍ଶନ କରିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଆରମ୍ଭ ହୋଇଥିଲା। ଏଥିସହ ମେଳଣରେ ପଡ଼ିଥିବା ବିଭିନ୍ନ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମିଥିଲା। ରବିବାର ଉଦ୍‌ଯାପନୀ ଦିବସରେ ରାତି ୯ଟାରେ ମେଳଣ ପଡ଼ିଆରେ ହରିହର ଭେଟ ସହ ଆତସବାଜି କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ପଞ୍ଚାୟତ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ସୂଚନା କେନ୍ଦ୍ର, ଆଇନ ଶୃଙ୍ଖଳା ରକ୍ଷା ପାଇଁ ବାଲିଅନ୍ତା ଥାନା ଅଧିକାରୀ ସୁନୀଲ ପରିଡ଼ାଙ୍କ ନେତୃତ୍ୱରେ ପୋଲିସ ବ୍ୟବସ୍ଥା ହୋଇଥିଲା। ମେଳଣ ପଡ଼ିଆ ନିକଟ ଏକ ଘରୋଇ ସ୍କୁଲ ପରିସରରେ ନିମନ୍ତ୍ରିତ ଅତିଥି ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସନ୍ତୋଷ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ବସନ୍ତ ସାହୁ, କପିଳ ମହାରଣା, ଯୁବ ସାମାଜିକ କର୍ମୀ ସୁବ୍ରତ ମହାନ୍ତିଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ବାଲକାଟୀ ପଞ୍ଚଦୋଳ ମେଳଣରେ ସାମିଲ ହୋଇଥିବା ଠାକୁର।

# ଭୁବନେଶ୍ୱର ଓକିଲ ସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୩।୩
(ସୂର୍ଯ୍ୟକାନ୍ତ ବେହେରା)

**ଆଇନଜୀବୀ, ବିଚାରପତିଙ୍କ ମଧ୍ୟରେ ସମନ୍ୱୟ ରହିବା ଦରକାର**

ଭୁବନେଶ୍ୱର ଓକିଲ ସଂଘର ବାର୍ଷିକ ଉତ୍ସବ ଭୁବନେଶ୍ୱର କୋର୍ଟ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୁନ୍ଦନ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଭି. ନରସିଂହ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଚାରପତି ଶିବ ଶଙ୍କର ମିଶ୍ର, ବିଚାରପତି ସଞ୍ଜୟ କୁମାର ମିଶ୍ର, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ମାନସ କୁମାର ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ରାଜ୍ୟ ଆଇନଜୀବୀ ପରିଷଦର ବରିଷ୍ଠ ସଭ୍ୟ ବିଭୁ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ଓ ବିଚାରପତିଙ୍କ ମଧ୍ୟରେ ସମନ୍ୱୟ ରହିବା ଦରକାର ବୋଲି ସେମାନେ ମତ ଦେଇଥିଲେ। ଏହି ଅବସରରେ ବାର୍ ସଦସ୍ୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଂଘ ସମ୍ପାଦକ ଦୀପକ ଦାଶ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପରିଚାଳନା କରିଥିଲେ ଶିଳଭଦ୍ର ଶାସ୍ତ୍ରୀ ଓ ଧନ୍ୟବାଦ ଦେଇଥିଲେ ଉପସଭାପତି ଦୁର୍ଗାପ୍ରସାଦ ସାହୁ। ସଂଘର ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସହସମ୍ପାଦକ କୁଳଦୀପ ରାଉତରାୟ, କୋଷାଧ୍ୟକ୍ଷ ଜଗଦୀଶ ବେହେରା, କାର୍ଯ୍ୟକାରୀ କମିଟି ସଭ୍ୟଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇଥିଲେ।




ଉତ୍ସବରେ ଯୋଗଦେଇଥିବା ବିଚାରପତିଙ୍କ ସହ ଅନ୍ୟ ଅତିଥିମାନେ।

# ସାହିତ୍ୟ ସମାଜକୁ ନୂଆ ଦିଶା ଦେଖାଏ

ଭୁବନେଶ୍ୱର,୨୩।୩
(ସୌମ୍ୟରଞ୍ଜନ ରାଉତ)

**୧୧ତମ କଳିଙ୍ଗ ସାହିତ୍ୟ ମହୋତ୍ସବ ଉଦ୍‌ଯାପିତ**

ସାହିତ୍ୟ ସମାଜର ଦର୍ପଣ ହିସାବରେ ସମାଜକୁ ରୂପାନ୍ତରିତ ଓ ନୂଆ ଦିଶା ଦେବାରେ ସାମର୍ଥ୍ୟ ରଖେ। କଳିଙ୍ଗ ସାହିତ୍ୟ ମହୋତ୍ସବ ସାହିତ୍ୟ, ସଂସ୍କୃତି ଓ ସଂସ୍କାର କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ଭାବେ ଉଭା ହେବ ବୋଲି ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ କୁମାର ସାଓ କହିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଚାଲିଥିବା ୧୧ତମ କଳିଙ୍ଗ ସାହିତ୍ୟ ମହୋତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଓ କହିଲେ, ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ପାରିବାରିକ ଏବଂ ସାଂସ୍କୃତିକ ସମ୍ପର୍କ ରହିଛି। ଏହି ଦୁଇ ରାଜ୍ୟର ଐତିହ୍ୟ ଓ ସଂସ୍କୃତି ଅତ୍ୟନ୍ତ ପ୍ରାଚୀନ। ଏନେଇ ଅଧିକରୁ ଅଧିକ ସାହିତ୍ୟ ରଚନା ହେବା ଦରକାର ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବର ପ୍ରତିଷ୍ଠାତା ରଶ୍ମି ରଞ୍ଜନ ପରିଡ଼ା କହିଲେ, ଓଡ଼ିଆ ଭାଷା ସାହିତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଉଦ୍ୟମରେ ଆମେ ସଫଳ ହୋଇଛୁ। ଦକ୍ଷିଣ ପୂର୍ବ ଏସିଆ ଦେଶର କବି ଓ ସାହିତ୍ୟିକଙ୍କ ମଧ୍ୟରେ ଭାବରେ ଆଦାନ ପ୍ରଦାନରେ ଏହି କାର୍ଯ୍ୟକ୍ରମ ମାଧ୍ୟମ ସାଜିଛି। ତୃତୀୟ ଅଧିବେଶନରେ କଳା, ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରାୟ ୨୦ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ ଦେଶ ବିଦେଶର ଶତାଧିକ କବି, ଲେଖକ, ସମାଲୋଚକ, ଅଧ୍ୟାପକ ଓ ଉଦ୍ୟୋଗୀ ଯୋଗଦେଇ ସାହିତ୍ୟ, ସଂସ୍କୃତି, ସମାଜ, ସଂସ୍କାର ଓ ପରମ୍ପରା ଉପରେ ଆଲୋଚନା କରିଥିଲେ। ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଶୋକ ବଳ ଅତିଥି ଓ ଦେଶ ବିଦେଶରୁ ଆସିଥିବା ପ୍ରତିନିଧିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ମହୋତ୍ସବର ଏକ ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ।

**ସୁଆଙ୍ଗକୁ ହରାଇ ଯାଁଳା ବିଜୟୀ**

ଯାଁଳା,(ବୁଲା ବାରିକ): ତମାଣ୍ଡୋ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ପ୍ରଭାତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଯାଁଳା ଏବଂ ସୁଆଙ୍ଗ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ସୁଆଙ୍ଗ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ଯାଁଳା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୭ ଉଇକେଟ ବିନିମୟରେ ୨୭୯ରନ ସଂଗ୍ରହ କରିଥିଲା। ଜବାବରେ ସୁଆଙ୍ଗ ଟିମ୍ ୧୧.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅଭିଷେକ ପଟ୍ଟନାୟକ ୧୫୪ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ।



## ସଂକ୍ଷେପରେ

### ବାର୍ହା ଆକ୍ରମଣରେ ୨ ଯୁବକ ଗୁରୁତର

**ଟାଙ୍ଗୀ, ୨୩।୩(ରଘୁନାଥ ସାହୁ)**

ଜଙ୍ଗଲୀ ବାର୍ହା ଆକ୍ରମଣରେ ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଚିଲିକା ବ୍ଲକ ଅନ୍ତର୍ଗତ ନଈରୀ ଗ୍ରାମର ସନ୍ତୋଷ ବାରିକ ଏବଂ ମାନସ ଜେନା। ଅଗ୍ନିଶମ ବାହିନୀ ସହାୟତାରେ ସେମାନଙ୍କୁ ଉଦ୍ଧାର ପରେ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସନ୍ତୋଷ ଏବଂ ମାନସ କୌଣସି କାମରେ ବାଇକ୍‌ରେ ନାଚୁଣୀ ଯାଉଥିବା ବେଳେ ଗଙ୍ଗାଧରପୁର ନିକଟରେ ସେମାନଙ୍କୁ ବାର୍ହା ଆକ୍ରମଣ କରିଥିଲା। ନ୍ତୋଷଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ମାନସଙ୍କ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡିଛି।

### ଥଣ୍ଡା ପାନୀୟରେ ନିଶାଦେଇ ଦୋକାନରୁ ୫ ହଜାର ନେଇଗଲେ

**ଖୋର୍ଦ୍ଧା, ୨୩।୩(ପ୍ରଭାତ ପାଣିଗ୍ରାହୀ)**

ଆଦର୍ଶ ଥାନା ଅଧୀନ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଏନ୍‌ଏସି ବଜାରର ଜଣେ ଦୋକାନୀଙ୍କୁ ଥଣ୍ଡା ପାନୀୟରେ ନିଶାଦେଇ ଦୁଇଜଣ ଯୁବକ ୫ ହଜାର ଟଙ୍କା ଲୁଟି ନେଇଛନ୍ତି। ସୂଚନା ମୁତାବକ, ଏହି ବଜାରରେ ଜଟଣୀର ଦୁଃଖୀଶ୍ୟାମ ପାତ୍ରଙ୍କ ଏକ ଚୁଡ଼ି ହୋଲ୍‌ସେଲ ଦୋକାନ ରହିଛି। କିଛିଦିନ ପୂର୍ବେ ଦୁଇଜଣ ଯୁବକ ଏକ ବାଇକ୍‌ରେ ତାଙ୍କ ଦୋକାନକୁ ଆସିଥିଲେ। ଚୁଡ଼ି କିଣିବା ବାହାନାରେ ପ୍ରଥମେ ବିଭିନ୍ନ ଭେରାଇଟିର ଚୁଡ଼ି ଦେଖାଇବାକୁ କହିଥିଲେ। ଏହି ସମୟରେ ଜଣେ ଯୁବକ ବାହାରୁ ଥଣ୍ଡାପାନୀୟ ଆଣି ତାଙ୍କୁ ଦେଇଥିଲେ। ଦୁଃଖୀଶ୍ୟାମ ପ୍ରଥମେ ମନା କରିଥିଲେ, ପରେ ଏହି ପାନୀୟ ପିଇବା ପରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ଏହାପରେ ଯୁବକଦ୍ୱୟ ଦୋକାନରୁ ୫ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ପରେ ଦୁଃଖୀଶ୍ୟାମଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ୪ଦିନ ପରେ ସେ ସୁସ୍ଥ ହୋଇ ଫେରିବା ପରେ ଘଟଣା ସମ୍ପର୍କରେ କହିଥିଲେ। ଏପରିକି ଦୋକାନରୁ ୫ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

### ଏଏମ୍‌ଏସ୍ କ୍ଲବ ଶରଧାପୁର ବିଜୟୀ

**ବେଗୁନିଆ, ୨୩।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ୍ ଅନ୍ତର୍ଗତ ସିକୋଠାରେ ଚାଲିଥିବା ପ୍ରଥମ ବାର୍ଷିକ ରାଇଜିଂ ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ ଦିବସରେ ଏଏମ୍‌ଏସ୍ କ୍ଲବ ଶରଧାପୁର ଏବଂ ରଘୁନାଥ ଦେଓ କ୍ଲବ ଟାଙ୍ଗୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୨-୦ ଗୋଲରେ ଏଏମ୍‌ଏସ୍ କ୍ଲବ ଶରଧାପୁର ବିଜୟୀ ହୋଇଛି। ଏମ୍.ଏଚ୍. ବେଗ, ଶରତ ଚନ୍ଦ୍ର ଛୋଟରାୟ ଏବଂ ଚିତ୍ତରଞ୍ଜନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। କୈଳାସ ଚନ୍ଦ୍ର ମାଣ୍ଡୋଇ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# କଂଗ୍ରେସ ବୈଠକରେ ହୋହଲ୍ଲା, ସୋନାଲିଙ୍କୁ ବିରୋଧ

**ଖୋର୍ଦ୍ଧା, ୨୩।୩(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ରବିବାର ବରୁଣେଇ କମ୍ୟୁନିଟି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେତେଜଣ ଯୁବ କଂଗ୍ରେସ କର୍ମୀ କୌଣସି କାରଣକୁ ନେଇ କଂଗ୍ରେସ ନେତ୍ରୀ ତଥା ଖୋର୍ଦ୍ଧା ବିଧାନସଭା ବିଧାୟକ ପ୍ରାର୍ଥିନୀ ସୋନାଲି ସାହୁଙ୍କୁ ବିରୋଧ କରିବା ସହ ହୋହଲ୍ଲା କରିଥିଲେ। କର୍ମୀମାନେ ସଭାସ୍ଥଳ ମଝିକୁ ଆସି ଆମଦାନୀ ନେତାଙ୍କୁ ଦଳରେ କାହିଁକି ଗୁରୁତ୍ୱ ଦିଆଯାଉଛି, ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିବା ସହ ହୋହଲ୍ଲା କରିଥିଲେ। ଏପରିକି ସୋନାଲି ଏବଂ କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି।

ସୂଚନା ମୁତାବକ, ଜିଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲା କାର୍ଯ୍ୟକାରିଣୀ ଏବଂ ବିଧାନସଭା ଘେରାଉ ଲାଗି ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ପ୍ରଦେଶ କଂଗ୍ରେସର ଜାତୀୟ ସହପ୍ରଭାରୀ ରୋଜାଲିନ ତିର୍କୀ, ଜିଲା କଂଗ୍ରେସ ମିଡିଆ ପ୍ରଭାରୀ ଅମୀୟ ପାଣ୍ଡବ, ଜିଲା କଂଗ୍ରେସ ପ୍ରଭାରୀ ଜୟଶ୍ରୀ ପାତ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ, ଯୋଗୀନାଥ ବାହୁବଳେନ୍ଦ୍ର, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସ୍ୱାଗତିକା ପଟ୍ଟନାୟକ, ବେଣୁଧର ଭୋଇ, ପ୍ରଦୀପ ସ୍ୱାଇଁ, ଅମିତ ମହାନ୍ତି, ଭୂଷଣ ଛୋଟରାୟ, ଜୟଶ୍ରୀ ପଟ୍ଟନାୟକ, ତାରା ପ୍ରସାଦ ପଟ୍ଟନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବରାଳ, ସମ୍ବିତ ମଙ୍ଗରାଜ, ଗୋପନ ମାର୍ଥା, ସଦାଶିବ ମହାପାତ୍ର, ସୁକାନ୍ତ ରାଉତ, ସୌମ୍ୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୭ ତାରିଖରେ ହେବାକୁ ଥିବା ବିଧାନସଭା ଘେରାଉକୁ ସଫଳ କରିବା ଲାଗି କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟରେ ମହିଳା ନିର୍ଯାତନା, ଅତ୍ୟାଚାର ଘଟଣା ବଢ଼ିଚାଲିଛି। ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡିଛି। ଏହା ବିରୋଧରେ ପ୍ରଦେଶ କଂଗ୍ରେସ କମିଟି ବିଧାନସଭା ଘେରାଉ ଡାକରା ଦେଇଥିବା ଜିଲା ମିଡିଆ ପ୍ରଭାରୀ ପାଣ୍ଡବ କହିଛନ୍ତି। କଂଗ୍ରେସ ଲୋକଙ୍କ ସମସ୍ୟାକୁ ନେଇ ରାସ୍ତାକୁ ଓହ୍ଲାଇବ ବୋଲି ଜିଲା ସଭାପତି ପଟ୍ଟନାୟକ କହିଛନ୍ତି। ତେବେ ନାରୀ ନିର୍ଯାତନା ବିରୋଧରେ କଂଗ୍ରେସ ଡାକରା ଦେଇଥିବା ବେଳେ ବୈଠକରେ ସୋନାଲିଙ୍କୁ ବିରୋଧ ପ୍ରସଙ୍ଗକୁ ମିଡିଆ ପ୍ରଭାରୀ ପାଣ୍ଡବ ଏବଂ ଜିଲା ସଭାପତି ପଟ୍ଟନାୟକ ଏଡ଼ାଇଯାଇ କହିଥିଲେ, ଏହା ଦଳର ଆଭ୍ୟନ୍ତରୀଣ କଥା। ଦଳରେ ଆରୋପ ପ୍ରତ୍ୟାରୋପ ଏକ ସାଧାରଣ ଘଟଣା। କେତେଜଣ କର୍ମୀ ହଠାତ୍ କୌଣସ କାରଣରୁ ପାଟିତୁଣ୍ଡ କରିଥିଲେ, ପରେ ବୈଠକ ସ୍ୱାଭାବିକ ହୋଇଥିଲା। ବିଧାନସଭା ଘେରାଉ ପାଇଁ ଦଳୀୟ କର୍ମୀଙ୍କ ମହଲରେ ଉତ୍ସାହ ରହିଛି ବୋଲି କହିଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ କଂଗ୍ରେସ ନେତ୍ରୀ ସୋନାଲି ସାହୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଯୁବକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଆକ୍ରମଣ ଘଟଣା
## ନାବାଳକଙ୍କ ସମେତ ୩ ଧରାପଡ଼ିଲେ

**ଖୋର୍ଦ୍ଧା, ୨୩।୩(ପ୍ରଭାତ ପାଣିଗ୍ରାହୀ)**

ଯୁବକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଆକ୍ରମଣ କରିବା ସହ ୫ ହଜାର ଟଙ୍କା ଲୁଟିନେବା ଘଟଣାରେ ଆଦର୍ଶ ଥାନା ପୋଲିସ ହାତରେ ଜଣେ ନାବାଳକଙ୍କ ସମେତ ୩ ଜଣ ଧରାପଡ଼ିଛନ୍ତି। ଅଭିଯୁକ୍ତମାନେ ହେଲେ ସଦର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟ ନାବାଳକ, ଗଡ଼ଖୋର୍ଦ୍ଧା ହାଉସିଂ ବୋର୍ଡ ଅଞ୍ଚଳର ସଞ୍ଜୟ ବେହେରା(୨୦), ସଦର ଥାନା ବଙ୍ଗିଦାର ଅଞ୍ଚଳର ସଞ୍ଜୟ କୁମାର ପରିଡ଼ା ଓରଫ ସିଲୁ(୨୧)। ଏମାନଙ୍କଠାରୁ ଗୋଟିଏ ବନ୍ଧୁକ, ୩ଟି ଗୁଳି ଏବଂ ୩ଟି ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୨୨/୨୫) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର ପରେ ବ୍ରହ୍ମପୁର ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, ଲୋକେଶ୍ୱରପୁର ଗ୍ରାମର ସୁବାସ ପ୍ରଧାନ ସନ୍ଧ୍ୟାରେ ଘର ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୫୦ ହଜାର ଟଙ୍କା ମାଗିଥିଲେ। ସେ ମନା କରିବାରୁ ଯୁବକମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏହା ପରେ ଯୁବକମାନେ ତାଙ୍କଠାରୁ ୫ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏନେଇ ସୁବାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଉକ୍ତ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିଥିଲା।



ହରିରାଜପୁର ମେଳଣ ପଡ଼ିଆରେ ପଶ୍ଚିମାଶମ୍ଭୁ ଯୁବ ସଙ୍ଗଠନ ପିତାପଣିଆ ମଞ୍ଚର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ମେଳଣ ଭାଇଚାରାର ବଳିଷ୍ଠ ନିଦର୍ଶନ

**ଜଟଣୀ, ୨୩।୩(ରବୀନ୍ଦ୍ରନାଥ ମହାକୁଡ଼)**

ହରିରାଜପୁର ମେଳଣ ପଡ଼ିଆରେ ରବିବାର ପଶ୍ଚିମାଶମ୍ଭୁ ଯୁବ ସଙ୍ଗଠନ ପିତାପଣିଆ ମଞ୍ଚର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି। ଖବରଦାତା ରବୀନ୍ଦ୍ରନାଥ ମହାକୁଡ଼ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଆୟୋଜକ ସଙ୍ଗଠନର ସମ୍ପାଦକ ବାସୁଦେବ ସାହୁ, କରୁଣାକର ପ୍ରଧାନ, ବିଭୂତି ଭୂଷଣ ସ୍ୱାଇଁ, ନାରୀନେତ୍ରୀ ରୋଜାଲିନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଭାଇଚାରାର ବଳିଷ୍ଠ ନିଦର୍ଶନ ହେଉଛି ହରିରାଜପୁରର ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମେଳଣ ବୋଲି ଅତିଥିଙ୍କ ମଧ୍ୟରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ବିଶିଷ୍ଟ କଳାକାର, ସଙ୍ଗଠକ, ସମାଜସେବୀ ଏବଂ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ‘ଯୁବପିଢ଼ି ସଂଗ୍ରାମୀଙ୍କ ଜୀବନୀ ପଠନ କରନ୍ତୁ’




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା, ୨୩।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଶିଆଳିଆସ୍ଥିତ ଏକ ଘରୋଇ ମହାବିଦ୍ୟାଳୟ ପରିସରରେ ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ନେହେରୁ ଯୁବକେନ୍ଦ୍ର ଖୋର୍ଦ୍ଧା ପକ୍ଷରୁ ଶହୀଦ ଭଗତ ସିଂଙ୍କ ବଳିଦାନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ସଂଗ୍ରାମ କେଶରୀ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ ଭାରତରେ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀ ଏବଂ ଇତିହାସ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ସତ୍ୟବ୍ରତ ସାମଲ ସାମାଜିକ ପରିବର୍ତ୍ତନ ଓ ଏ ଦିଗରେ ସଚେତନତା ଉପରେ କହିଥିଲେ। ମୁଖ୍ୟବକ୍ତା ଡ. ଶୈଳେନ୍ଦ୍ର ମିଶ୍ର ସ୍ୱାଧୀନତା ସଂଗ୍ରାମରେ ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଭୂମିକା, ତ୍ୟାଗ ବଳିଦାନ ସମ୍ପର୍କରେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଆଜିର ଯୁବପିଢ଼ି ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ପଠନ କରିବାକୁ ପରାମର୍ଶ ଦେଇଥିଲେ। ବୀରତ୍ୱର ପରିଚୟ ଶହୀଦ ଭଗତ ସିଂ ହିଁ ଥିଲେ ବୋଲି ଅନୁଷ୍ଠାନର ଉପଦେଷ୍ଟା ଅର୍ଜୁନ ପ୍ରଧାନ କହିଥିଲେ। ବିଶ୍ୱଜିତ୍ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବା ସମସ୍ତଙ୍କ ନୈତିକ ଦାୟିତ୍ୱ

**ଖୋର୍ଦ୍ଧା, ୨୩।୩(ପ୍ରଭାତ ପାଣିଗ୍ରାହୀ)**

**‘ବରିଷ୍ଠ ନାଗରିକଙ୍କ ପ୍ରତି ହେଉଥିବା ନିର୍ଯାତନା ଓ ତା’ର ମୁକାବିଲା’ କର୍ମଶାଳା**

ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ଏବଂ ଏସ୍‌ଏସ୍‌ଇପିଡି ବିଭାଗ ମିଳିତ ଆନୁକୂଲ୍ୟରେ ‘ବରିଷ୍ଠ ନାଗରିକଙ୍କ ପ୍ରତି ହେଉଥିବା ନିର୍ଯାତନା ଓ ତା’ର ମୁକାବିଲା’ ସମ୍ପର୍କିତ ଦୁଇଦିନିଆ ଜାତୀୟସ୍ତରୀୟ କର୍ମଶାଳା ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପଶୁପାଳନ ମହାବିଦ୍ୟାଳୟ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କର୍ମଶାଳାକୁ ଉଦ୍‌ଘାଟନ କରି କହିଥିଲେ, ମହିଳାଙ୍କ ନିରାପତ୍ତା ଓ ସୁରକ୍ଷାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ବରିଷ୍ଠ ନାଗରିକଙ୍କୁ ସମାନ ସୁବିଧା ଦେବା ପାଇଁ ମଧ୍ୟ ସରକାର ବିଚାର କରୁଛନ୍ତି। ଏହି ଜାତୀୟ ସେମିନାରରେ ବିଶିଷ୍ଟ ଅତିଥିଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଯୋଗଦେଇ ମତବ୍ୟକ୍ତ କରିଥିଲେ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଉପସ୍ଥିତ ଥିଲେ। କଲେଜ ଗଭର୍ଣ୍ଣିଂ ବଡିର ସମ୍ପାଦକ ସୁଧୀର ମାନସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ମନୋଜ କୁମାର ପାଢ଼ୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ମୀନକେତନ ସାହୁ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆଇନ ବିଭାଗ ମୁଖ୍ୟ ଡ. ବିନୟ କୁମାର ଦାସ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ସଭାପତି ପ୍ରତାପ ଚନ୍ଦ୍ର ସାମନ୍ତରାୟ, ଡ.ରାଜେନ୍ଦ୍ର ସାମନ୍ତରାୟ, ବ୍ରିଗେଡିଅର ଅଭିମନ୍ୟୁ ରାଉତ, ଡ.ବିଷ୍ଣୁଚରଣ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ, ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ। ସେମାନଙ୍କୁ ଯଥୋଚିତ ସମ୍ମାନ ଦେବା ସମସ୍ତଙ୍କ ନୈତିକ ଦାୟିତ୍ୱ। ଅଧ୍ୟାପକ ସାଇ ଜ୍ୟୋତିରଞ୍ଜନ, ଅଧ୍ୟାପିକା ଅର୍ଜିତା ମହାରଣା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସରସ୍ୱତୀ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ଦ୍ୱିତୀୟ ଦିବସରେ ସେମିନାରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ଡ. ଚିତ୍ତରଞ୍ଜନ ଗଗାଇ, ପ୍ରଫେସର ସୁଜାତା ରଥ, ଓଡ଼ିଶା ବରିଷ୍ଠ ନାଗରିକ ସଙ୍ଗଠନର କେନ୍ଦ୍ରୀୟ ସମ୍ପାଦକ ଯୁଗଳ କିଶୋର ସାହୁ, ଅଧ୍ୟାପକ ଶ୍ରୀମାନଶୁ ଦାସ, ଅଧ୍ୟାପିକା ସତ୍ୟବ୍ରତା ମିଶ୍ର ଏବଂ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଅଧ୍ୟାପକ ପୃଥ୍ୱୀରାଜ, ଓଡ଼ିଶା ହ୍ୟୁମାନ ରାଇଟ କମିଶନର ସଦସ୍ୟ ଅସୀମ ଅମିତାଭ ଦାସ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଇନ ଛାତ୍ରୀଛାତ୍ରମାନେ ନିବନ୍ଧ ପାଠ କରିଥିଲେ। ବରିଷ୍ଠ ନାଗରିକଙ୍କ ପ୍ରତି ବଢ଼ିଚାଲିଥିବା ଅତ୍ୟାଚାର ଓ ଏହାର ଆଇନଗତ ଦିଗ ଉପରେ ଛାତ୍ରୀଛାତ୍ରମାନେ କ୍ଷୁଦ୍ର ନାଟିକା ‘ଡାକମୁନିସୀ’ରେ ଅଭିନୟ କରିଥିଲେ।

## ଶିଶୁବାଟିକାରେ ନାମଲେଖାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବଣ୍ଟନ

**ଖୋର୍ଦ୍ଧା/ଯାଁଳା/ନିରାକାରପୁର, ୨୩।୩ (ପ୍ରଭାତ ପାଣିଗ୍ରାହୀ/ବୁଲା ବାରିକ/ମାନସ ଚନ୍ଦ୍ର ପଟ୍ଟନାୟକ)**

ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଆରମ୍ଭ ହେବ। ଆସନ୍ତା ଏପ୍ରିଲ ୨ରେ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଜପୁର ଏବଂ ନନ୍ଦପୁର ପଞ୍ଚାୟତରେ ଖୋର୍ଦ୍ଧା ବ୍ଲକ୍ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ବାଜପୁର ସରପଞ୍ଚ କେଦାରେଶ୍ୱର ପୃଷ୍ଟି, ନନ୍ଦପୁର ସରପଞ୍ଚ ବିପ୍ଲବ କେଶରୀ ବଳିଆରସିଂହଙ୍କ ଉପସ୍ଥିତିରେ ଉକ୍ତ ୨ପଞ୍ଚାୟତରେ ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ଲଳିତ କେଶରୀ ଚମ୍ପତିଙ୍କ ସମେତ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀମାନେ ଉପସ୍ଥିତ ଥିଲେ। ସେହିପରି ନରଣଗଡ଼, ଧଉଳିମୁହାଁ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସରପଞ୍ଚ ଶତ୍ରୁଘ୍ନ ବେହେରା ଏବଂ ମୀତା ବେହେରାଙ୍କ ଉପସ୍ଥିତିରେ ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ରେବତୀ ପଣ୍ଡା, କାଳୁ ବଳିଆରସିଂହ, ଶୁଭଶ୍ରୀ ପଟ୍ଟନାୟକ, କୌଶଲ୍ୟା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଟଣୀ ବ୍ଲକ୍ ଗୋଷ୍ଠୀ ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଯାଁଳା ପଞ୍ଚାୟତରେ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ବିଇଓ ରଶ୍ମିବାଳା ପରିଡ଼ା, ସିଡିପିଓ ସଞ୍ଜୁଲତା ନାୟକଙ୍କ ନେତୃତ୍ୱରେ ବିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା, ସିଆର୍‌ସିସି ପୁଷ୍ପଲତା ପରିଡ଼ା, ପ୍ରିୟ ରଞ୍ଜନ ସାମନ୍ତରାୟ, ରଶ୍ମିତା, ଅଙ୍ଗନୱାଡ଼ି କର୍ମୀ କଳ୍ପନା ଦାସ ପ୍ରମୁଖ ଅଭିଭାବକଙ୍କ ଘରକୁ ଯାଇ ଏହି ନିମନ୍ତ୍ରଣପତ୍ର ବଣ୍ଟନ କରିଥିଲେ। ସେହିପରି ଟାଙ୍ଗୀ ବ୍ଲକ୍ ଲେଣ୍ଡୋ ପଞ୍ଚାୟତ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେଙ୍ଗଟାର ପ୍ରଧାନ ଶିକ୍ଷକ ଅମର ଜୟସିଂହଙ୍କ ନେତୃତ୍ୱରେ ଏହି ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଛି। ଅନୁରୂପଭାବେ ସହକାରୀ ଶିକ୍ଷୟିତ୍ରୀ ଉନିତା ହରିଚନ୍ଦନ, ସିଆର୍‌ସିସି ମଳୟ ମଙ୍ଗରାଜ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତ୍ରିବେଣୀ ପ୍ରଧାନ, ଭାସ୍କର ସ୍ୱାଇଁ ପ୍ରମୁଖ ଅଞ୍ଚଳରେ ନିମନ୍ତ୍ରଣପତ୍ର ବଣ୍ଟନ କରିଥଲେ।

## ଫତେଗଡ଼-ଚକ୍ରଧରପୁର ପ୍ରସାଦ ଫାଇନାଲ

**ବୋଲଗଡ଼, ୨୩।୩(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳା ଗ୍ରାମରେ ଚାଲିଥିବା ତ୍ରୟୋଦଶ ବାର୍ଷିକ ମା’କାଳିକା ଭାଗବତ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଚକ୍ରଧରପୁର ପ୍ରସାଦ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଦିବସରେ ବେଣାଗାଡିଆ ଦଳକୁ ହରାଇ ଫତେଗଡ଼ ଭାଗବତ ମାତୃମଣ୍ଡଳୀ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ଦିବସ ତଥା ଶନିବାର ସନ୍ଧ୍ୟାରେ ରାମଚନ୍ଦ୍ରପୁର ଭାଗବତ ମଣ୍ଡଳୀ ଏବଂ ଚକ୍ରଧରପୁର ଭାଗବତ ମାତୃମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଚକ୍ରଧରପୁର ପ୍ରସାଦ ଭାଗବତ ମଣ୍ଡଳୀ ୪୪ ପଏଣ୍ଟ ଓ ରାମଚନ୍ଦ୍ରପୁର ୩୬ପଏଣ୍ଟ ପାଇଥିଲେ। କିଶୋର ବେହେରାଙ୍କ ପରିଚାଳନାରେ ଆୟୋଜିତ ଏହି ପ୍ରତିଯୋଗିତାରେ ସାମାଜିକ କର୍ମୀ କସ୍ତୁରୀ ଚରଣ ମହାପାତ୍ର, ଶିକ୍ଷାବିତ୍ ରାଜକିଶୋର ବେହେରା, ରାଜୀବ ସାମନ୍ତରାୟ, ଅକ୍ଷୟ ସୁନ୍ଦରା ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଚାରକଭାବେ ସୁକାନ୍ତ ନନ୍ଦ, ସଚ୍ଚି ପଟ୍ଟନାୟକ ଓ ବୁଦ୍ଧିମାନ ପ୍ରଧାନ ଯୋଗ ଦେଇଥିଲେ। ଭାଗବତ ବାଣୀର ପ୍ରସାର ପ୍ରଚାର ଏବଂ ଖଞ୍ଜଣି ଭଜନର ମହତ୍ତ୍ୱ ସହ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଏହି ଭାଗବତ ପ୍ରତିଯୋଗିତା ସହାୟକ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ସୁରେଶ ଚନ୍ଦ୍ର ମିଶ୍ର, ବିଷ୍ଣୁପ୍ରସାଦ କର, ବିବେକାନନ୍ଦ ସ୍ୱାଇଁ, ବିଜୟ ପାଇଯୋଶୀଙ୍କ ସମେତ ଅସରଳା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମାତୃମଣ୍ଡଳୀ।

# ଭାଇଚାରାର ବାର୍ତ୍ତାଦିଏ ଦୋଳ ଉତ୍ସବ

**ଖୋର୍ଦ୍ଧା, ୨୩।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମ୍ୟ ପଞ୍ଚଦୋଳ କମିଟି ଆନୁକୂଲ୍ୟରେ ସ୍ଥାନୀୟ ମେଳଣ ପଡିଆରେ ଚାଲିଥିବା ପଞ୍ଚଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏଥିସହିତ ଆମନ୍ତ୍ରିତ ଠାକୁରମାନେ ସ୍ୱ ମନ୍ଦିରକୁ ଫେରିଛନ୍ତି। ଶନିବାର ରାତିରେ ହରିହର ଭେଟ ହୋଇଥିଲା। ଥାନପତି ଶ୍ରୀଧବଳେଶ୍ୱରଙ୍କ ବିମାନକୁ ଫୁଲରେ ସଜ୍ଜିତ କରାଯାଇଥିଲା। ରଙ୍ଗିନ ଆଲୋକମାଳାରେ ଝଲସି ଉଠିଥିଲା ମେଳଣ ପଡିଆ। ହରିହର ଭେଟ ସମୟରେ ଏକାକାର ହୋଇଥିଲେ ଭକ୍ତ ଏବଂ ଭଗବାନ। ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପରିବେଶ। ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଅନ୍ତିମ ଦିବସରେ ପ୍ରତ୍ୟେକ ଠାକୁରଙ୍କୁ ହାଣ୍ଡିଭୋଗ ଅର୍ପଣ କରାଯାଇଛି। ହାଣ୍ଡି ଭୋଗର ୮୦% ଉଖୁଡା, ଫେଣି, ଶାକର, ଖଜା, ଲଡୁ, ବୁନ୍ଦିଆ, ଜିଲାପି ସମେତ ବିଭିନ୍ନ ପ୍ରକାର ଫଳ ଗଜାବୁଟ, ମୁଗ, ନଡିଆ ପାତି, କଦଳୀ ଆଦି ରହିଥିଲା। ଏହି ମେଳଣରେ ଗୁରୁଜଙ୍ଗ, ଖୋର୍ଦ୍ଧା ସହର ସମେତ ୨୦ ଗ୍ରାମର ୨୨ ଦୋଳ ଠାକୁର ବିଜେ କରିଥିଲେ। ୩ଦିନ ଧରି ଠାକୁରଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ, ନାମ ସଂକୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ମାଲୁଦ ପଞ୍ଚଦୋଳ ମେଳଣରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଜଟଣୀ,(ରବୀନ୍ଦ୍ର ନାଥ ମହାକୁଡ଼):** ହରିରାଜପୁର ମେଳଣ ରବିବାର ଅପରାହ୍ନରେ ଶେଷ ହୋଇଛି। ଗୋଧୂଳି ଲଗ୍ନରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ମେଳଣ ପଡ଼ିଆରେ ଖୁଣ୍ଟିଲାଗି ହୋଇଥିବା ହରିହର ସମସ୍ତ ଠାକୁରଙ୍କ ସହ ସ୍ଥାନାଧିପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥଙ୍କ ସହିତ ଭେଟ ହୋଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷରେ ସ୍ଥାନାଧିପତି ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବ, ଅରାଗଡ଼ର ଶ୍ରୀକୁନ୍ତେଶ୍ୱର ଦେବ, କୁସୁମାଟି ଶ୍ରୀଗତେଶ୍ୱର ଦେବ, କନ୍ତିଆର ଶ୍ରୀବାଲୁଙ୍କେଶ୍ୱର ଦେବ, ଭଁସରର ଶ୍ରୀନୀଳକଣ୍ଠେଶ୍ୱର ଦେବ, ହରିରାଜପୁର ବାଳମକୁନ୍ଦ ଦେବଙ୍କ ମଧ୍ୟରେ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସମସ୍ତ ଦୋଳବିମାନଙ୍କୁ ଭକ୍ତମାନେ ଫଗୁ ଅର୍ପଣ କରିବା ସହିତ ଦୋଳବିମାନ ମଧ୍ୟରେ ଘେରିନାଚ କରାଯାଇ ମୁହାଁମୁହିଁ ହୋଇଥିଲେ। ଏହି ଘେରିନାଚ ପରେ ଅଧରପଣା ସୋମନାଥଙ୍କୁ ସମର୍ପଣ କରାଯାଇ ଦୁଆରୀ ଭୋଗ ଖାଇ ଠାକୁର ମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ହରିହର ଭେଟଟି ଗୋଧୂଳି ଲଗ୍ନ ତଥା ସୂର୍ଯ୍ୟାସ୍ତ ସମୟରେ ଆରମ୍ଭ ହୋଇଥାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି ଭେଟ ଦେଖିବା ପାଇଁ ୨ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନେକ ଶ୍ରଦ୍ଧାଳୁ ଏହି ଭେଟ ଦେଖିବା ଓ ଫଗୁ ପକାଇବା ପାଇଁ ମାନସିକ କରିଥାନ୍ତି। ଦିଅଁ ମେଳଣରେ ସାମିଲ ହେବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଅନେକ ମାନସିକଧାରୀ ଅଂଶଗ୍ରହଣ କରିଥିଲେ।

**ନିରାକାରପୁର,(ମାନସ ଚନ୍ଦ୍ର ପଟ୍ଟନାୟକ):** ପାରମ୍ପରିକ ରୀତିରେ ହଜ୍ ଗ୍ରାମର ସପ୍ତ ଦୋଳମେଳଣ ଆରମ୍ଭ ହୋଇଛି। ଶନିବାର ବିଳମ୍ବିତ ରାତିରେ ଶୋଭାଯାତ୍ରାରେ ଦୋଳର ଥାନପତିଭାବେ ଶ୍ରୀନାଟେଶ୍ୱର ଦେବ ଏବଂ ମା’ ସିଦ୍ଧଖଣ୍ଡୁଆଳ ଦେବୀ ମେଳଣ ପଡ଼ିଆରେ ଆସନ ଗ୍ରହଣ କରିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଆତସବାଜି ପ୍ରଦର୍ଶନ ସହ ଘଣ୍ଟ, ମୃଦଙ୍ଗ, ବିଭିନ୍ନ ପାରମ୍ପରିକ ବାଦ୍ୟ ସହ ହରିବୋଲ ଧ୍ୱନିରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଅନୁରୂପଭାବେ ଏହି ମେଳଣରେ ୩୦ରୁ ଊର୍ଦ୍ଧ୍ୱ ଠାକୁର ବିମାନରେ ଆସି ନିଜ ମଣ୍ଡପରେ ବିରାଜମାନ କରିଥିଲେ। ଭକ୍ତ ଓ ଭଗବାନଙ୍କର ଅବିର ଖେଳ ସହ ଦୋଳ ପଡିଆରେ ଯାତ୍ରା ପାର୍ଟି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ଅସ୍ଥାୟୀ ଦୋକାନରେ ସାମଗ୍ରୀ କିଣିବା ପାଇଁ ଲୋକମାନଙ୍କ ଭିଡ଼ ଜମୁଛି। ସ୍ଥାନୀୟ ଗ୍ରାମବାସୀଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରୁଛନ୍ତି।

**କୃଷ୍ଣପ୍ରସାଦ, (କୈଳାସ ଚନ୍ଦ୍ର ପଟ୍ଟନାୟକ)** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ମାଲୁଦ ପଞ୍ଚଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨୪ ମୌଜାରୁ ୨୩ ଠାକୁର ଦୋଳ ପଡିଆରେ ବିରାଜମାନ ହୋଇଥିଲେ। ତେବେ ତାଳତଳା ଗ୍ରାମର କାଗଜ ଟଙ୍କାରେ ତିଆରି ମେଢ଼ ଆକର୍ଷଣୀୟ ସାଜିଥିଲା। ତେବେ ମେଳଣ ପରେ ସମସ୍ତ ଠାକୁର ସ୍ୱ ସ୍ୱ ମନ୍ଦିରକୁ ଫେରିଥିଲେ। ଏହି ପଞ୍ଚଦୋଳ ମେଳଣ ୩୦୦ବର୍ଷ ଧରି ହେଉଥିବା ୨୪ ମୌଜା କମିଟିର ମୁଖ୍ୟ ପରିଚାଳକ ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି। ପରିଚାଳନା କମିଟି, କୃଷ୍ଣପ୍ରସାଦ ଥାନା ପୋଲିସର ବ୍ୟାପକ ବ୍ୟବସ୍ଥା ଯୋଗୁ ଶାନ୍ତିଶୃଙ୍ଖଳାରେ ଏହି ମେଳଣ ଶେଷ ହୋଇଛି।

## ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ସ୍ମାରକୀ ଦିବସ ପାଳିତ

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ, ଉତ୍କଳ ସର୍ବୋଦୟ ମଣ୍ଡଳ, ସଂଗ୍ରାମୀ ଫୋରମ, ରାଷ୍ଟ୍ରୀୟ ଯୁବା ସଂଗଠନ ଓ ଲୋହିଆ ଏକାଡେମୀର ମିଳିତ ଉଦ୍ୟମରେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ସ୍ମାରକୀ ଦିବସ କଟକ ବେଲିଭ୍ୟୁ ଛକସ୍ଥିତ ଗାନ୍ଧୀ ପାର୍କଠାରେ ରବିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡା. ବିଶ୍ୱଜିତ୍, ଦେବ ପ୍ରସାଦ ରାୟ, ହରିହର ସେନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଦାସ, ମିହିର ପ୍ରତାପ ଦାସ, ଅନିମା ରାଏ, ରାମଚନ୍ଦ୍ର ଶୁକ୍ଳା, ସୁରଜିତ୍ ସିଂ, ବିଶ୍ୱଜିତ୍ ପାଣି, ସେକ୍ ଅବଦୁଲ୍ଲା, ସଞ୍ଜୟ କୁମାର ପରିଡା, ତପନ ବେହେରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମହାତ୍ମା ଗାନ୍ଧୀ ୧୯୨୧ ମସିହା ଆଜିର ଦିନରେ ଓଡ଼ିଶା ଆସି କଟକରେ ପହଞ୍ଚିଥିଲେ।

## ସଂକ୍ଷେପରେ

### ୨୭ରେ ବାରୁଣୀ ବୁଡ଼

ଖୁଣ୍ଟୁଣୀ, ୨୩।୩(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ ବ୍ରହ୍ମପୁର ଗ୍ରାମର ଐତିହାସିକ ବାରୁଣୀ ଘାଟରେ ଆସନ୍ତା ୨୭ ତାରିଖରେ ବାରୁଣୀ ବୁଡ଼ ଅନୁଷ୍ଠିତ ହେବ। ଉକ୍ତ ଦିନ ଅପରାହ୍ନ ୧ଟା ୨ ମିନିଟ୍‌ରେ ୧୮ଟି ଠାକୁର ବାଡିର ଠାକୁର ମହାନଦୀରେ ବୁଡ଼ ପକାଇବେ। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ରବିବାର ବ୍ରହ୍ମପୁରର ଗ୍ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗ୍ରାମ୍ୟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ଲକ୍ଷ୍ମୀଧର ସାମନ୍ତରାୟ ସଭପତିତ୍ୱ କରିଥିଲେ। ବୈଠକର ନିଷ୍ପତ୍ତିକ୍ରମେ ଆସନ୍ତା ୨୬ ତାରିଖ ରାତି ସାଢେ ୧୨ଟାରେ ସର୍ପେଶ୍ୱର ମହାପ୍ରଭୁ ସୁସଜ୍ଜିତ ବିମାନରେ ଆସି ବାରୁଣୀ ଯାତ୍ରା ପଡ଼ିଆରେ ପହଞ୍ଚିବେ। ସେଠାରୁ ସଂକୀର୍ତ୍ତନ ମହାମଣ୍ଡଳ ସହିତ ଶୋଭାଯାତ୍ରାରେ ଯାଇ ବ୍ରହ୍ମପୁର ଗ୍ରାମ ପରିକ୍ରମା କରିବା ପରେ କଖଡ଼ି ପାଲାତୋଟାରେ ପହଞ୍ଚିବେ। ସେଠାରେ ବାବା ଧବଳେଶ୍ୱରଙ୍କ ସମେତ ୧୮ ଠାକୁର ବାଡିର ଠାକୁରଙ୍କୁ ନିମନ୍ତ୍ରଣ କରିବେ। ଗୁରୁବାର ଭୋର ୫ଟାରୁ ପୁଣି ବ୍ରହ୍ମପୁର ବାରୁଣୀ ଯାତ୍ରା ପଡିଆକୁ ସମସ୍ତ ଠାକୁର ପ୍ରତ୍ୟାବର୍ତ୍ତନ କରି ପୂର୍ବରୁ ସ୍ଥାପନା କରାଯାଇଥିବା ଆସନରେ ଅଳଙ୍କୃତ ହେବେ। ସେଠାରୁ ସମସ୍ତ ଠାକୁର ଆସି ମହାନଦୀରେ ବୁଡ଼ ପକାଇବେ। ଏହାପରେ ସେଦିନ ସମସ୍ତ ଠାକୁର ବାରୁଣୀ ପଡ଼ିଆରେ ରହିବେ। ଶୁକ୍ରବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଅପେରା ପରିବେଷଣ କରାଯିବା ସହ ୭୦୦ରୁ ଉର୍ଦ୍ଧ୍ୱ ଦୋକାନ ଖୋଲିବ ବୋଲି ଜଣାପଡ଼ିଛି। ଏହି ବୈଠକରେ ମୁରବି ବାବୁରାମ ସ୍ୱାଇଁ, ବିଜୟ ସାମଲ, ଧୋବି ବିଶ୍ୱାଳ, ଚିନ୍ତାମଣି ମଲ୍ଲିକ, ବାନାମ୍ବର ସାହୁ, ପ୍ରସନ୍ନ ନାୟକ, ମାନସ ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ ଓ ବାଦଲ ସାମଲଙ୍କ ସମେତ ବହୁ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସରିଲା ସାତଦୋଳ ଯାତ୍ରା



ତିଗିରିଆ, ୨୩।୩(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର (ସାନପାଟଣା) ଗ୍ରାମରେ ୨ ଦିନ ବ୍ୟାପୀ ଚାଲିଥିବା ସାତଦୋଳ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ବୃନ୍ଦାବନ ଚନ୍ଦ୍ର, ଶ୍ରୀ ଶ୍ରୀ ରାସବିହାରୀ ଦେବ ଓ ଶ୍ରୀ ଶ୍ରୀ ବ୍ରଜମୋହନ ଦେବଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସୁସଜ୍ଜିତ ହାତତିଆରି ହାତୀ ବିମାନରେ ଗ୍ରାମ ପରିକ୍ରମା କରାଯାଇ ଯାତ୍ରା ମଣ୍ଡପକୁ ନିଆଯାଇଥିଲା। ଏହି ଅବସରରେ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ବୃନ୍ଦାବନ ଚନ୍ଦ୍ର ଡ୍ରାମାଟିକ୍ କ୍ଲବ ଦ୍ୱାରା ସାମାଜିକ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବନ' ମଞ୍ଚସ୍ଥ ହୋଇଥିଲା। ଶନିବାର ତିନିଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଇ ମନ୍ଦିରକୁ ମେଲାଣି ଦିଆଯାଇଥିଲା। ତିଗିରିଆ ଥାନା ଅଧିକାରୀଙ୍କ ତରଫରୁ ଶାନ୍ତିଶୃଙ୍ଖଳା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମ ସଭାପତି ଶ୍ରୀନିବାସ ବେହେରା, ମୁରବି ବନମାଳୀ ବେହେରା, ବିଚିତ୍ରାନନ୍ଦ ବେହେରା, ବିଜୟ କୁମାର ବେହେରା, ପ୍ରଦୀପ କୁମାର ସାଥୁଆ, ହେମନ୍ତ କୁମାର ସାହୁ, ଭରତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ନିଶା କାରବାର ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବ ପୋଲିସ

ଫୁଲନଖରା, ୨୩।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠରେ ଆସନ୍ତା ଏପ୍ରିଲ ୧୨ରୁ ବାଣଯାତ୍ରା ଅନୁଷ୍ଠିତ ହେବ। ଏହା ୭ ଦିନ ଧରି ଚାଲିବ। ଏହାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତାପ ନଗରୀ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ଆଲୋଚନା କରିଥିଲେ। ଚଳିତବର୍ଷ ଯାତ୍ରାରେ ଭଲ୍ୟୁଣ୍ଟିୟରଙ୍କ ପାଇଁ ସ୍ୱତନ୍ତ୍ର ଡ୍ରେସ୍‌କୋଡ୍, ଯାତ୍ରା ସମୟରେ ନିକଟସ୍ଥ ମଦ ଦୋକାନ ବନ୍ଦ କରାଯିବା, ବାଲି ବୋଝେଇ ଗାଡ଼ି ଚଳାଚଳ ଉପରେ କଟକଣା ଲାଗୁ, ବାଇକ ଓ କାର୍‌ଗୁଡ଼ିକ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ସହ ନିଶା କାରବାର ଉପରେ ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ରଖିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ଥାନୀୟ ପ୍ରଶାସନ, ଲୋକ ପ୍ରତିନିଧି, ବିଦ୍ୟୁତ୍ ଓ ଅଗ୍ନିଶମ ବିଭାଗର ଅଧିକାରୀ, ସ୍ଥାନୀୟ ଅଞ୍ଚଳର ମୁରବି ଓ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ସମ୍ଭାବନା ରହିଛି। କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ କଟକ ଜୋନ୍-୪ ଏସିପି ଅମିତାଭ ମହାପାତ୍ର, ସଦର ଥାନା ଆଇଆଇସି ଓମ୍‌ପ୍ରକାଶ ମହାନ୍ତି, ଟ୍ରାଫିକ ଏସିପି ଜୟନ୍ତ ଦୋରା, ଟ୍ରାଫିକ୍ ଆଇଆଇସି ଦୁର୍ଗା ପ୍ରସାଦ ଜେନା, ଆଞ୍ଚଳିକ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, ପୀତବାସ ମହାପାତ୍ର, କୌଶିକ୍ ଜେନା, ପ୍ରମୋଦ ମହାପାତ୍ର, ଆଇନଜୀବୀ କବି ନାରାୟଣ ଜେନା, ନୀହାର ରଞ୍ଜନ ବିଶ୍ୱାଳ, ବନମାଳୀ ଦାଶ, ପ୍ରଦୀପ କୁମାର ସାହୁ, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ଲିପ୍ସା ନାୟକ, ବାଦଲ କୁମାର ଜେନା, ବାଦଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।




ବୈଠକରେ ପୋଲିସ ଅଧିକାରୀଙ୍କ ସହ ଅନ୍ୟମାନେ।

### ଧାକୁଲେଇ ଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ

# ଶ୍ରୀ ଶ୍ରୀ ୟୁନିଭର୍ସିଟି ପକ୍ଷରୁ ସଣ୍ଡେଜ୍ ଅନ୍ ସାଇକେଲ

ବାରଙ୍ଗ/ତ୍ରିଶୂଳିଆ, ୨୩।୩
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଫିଟ୍ ଇଣ୍ଡିଆ, ଭାରତୀୟ ଶାରୀରିକ ଶିକ୍ଷା ଫାଉଣ୍ଡେଶନ ଏବଂ ନ୍ୟାଶନାଲ ସ୍ପୋର୍ଟ୍ସ ପ୍ରମୋଶନ ଅର୍ଗାନାଇଜେଶନ, ଓଡ଼ିଶା ଚାପ୍ଟର ଆନୁକୂଲ୍ୟରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ଏକ ମେଗା ସାଇକ୍ଲୋଥନ 'ସଣ୍ଡେଜ୍ ଅନ୍ ସାଇକେଲ' ଆୟୋଜିତ ହୋଇଯାଇଛି। ଏହାକୁ 'ହାସ୍‌ଟ୍ୟାଗ ପେଡାଲ ଫର୍ ଓବେସିଟି ଫ୍ରି ଇଣ୍ଡିଆ' ବା ମେଦ ବହୁଳତାମୁକ୍ତ ଭାରତ ପାଇଁ ସାଇକ୍ଲିଂ ସ୍ଲୋଗାନ ସହ ପାଳନ କରାଯାଇଥିଲା। ସାଇକ୍ଲୋଥନ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ବାହାରି ନରାଜ ଖେଳପଡ଼ିଆରୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏଥିରେ ବିଭିନ୍ନ ବୟସର ପ୍ରାୟ ୩୨୫ ଜଣ ଉତ୍ସାହୀ ମହିଳା, ପୁରୁଷ ଭାଗ ନେଇଥିଲେ। ଲୋକଙ୍କୁ ମେଦବହୁଳତାରୁ ମୁକ୍ତି ନିମନ୍ତେ ପରିଶ୍ରମ କରିବା, ବିଶେଷକରି ସାଇକେଲ ଚଳାଇବାକୁ ଉତ୍ସାହିତ କରିବା ଥିଲା ଏହି ସାଇକେଲ ଯାତ୍ରାର ଉଦ୍ଦେଶ୍ୟ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସଭାପତି ରଜିତା କୁଲକର୍ଣ୍ଣୀ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ସମେତ ଫାକଲ୍ଟି ଅଫ୍ ହେଲ୍‌ଥ ଆଣ୍ଡ ୱେଲ୍‌ନେସ୍ ବିଭାଗର ଡିନ୍ ପ୍ରଫେସର ଡ. ତୀର୍ଥଙ୍କର ଘୋଷ, ଓଡ଼ିଶା ସାଇକ୍ଲିଷ୍ଟ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ରାଉତ ଏବଂ ଭାରତୀୟ କ୍ରୀଡ଼ା ପ୍ରାଧିକରଣର ବରିଷ୍ଠ କୋଚ୍ ଜନସନ ସିଂ ପ୍ରମୁଖ ଯୋଗଦେଇଥିଲେ।

# 'ପିଲାଙ୍କ ବୌଦ୍ଧିକ ବିକାଶରେ ମାନସିକ ଚାପ ବାଧକ'




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ, ୨୩।୩(କାର୍ତ୍ତିକ ସାହୁ)

ପୋଲିସ କଲୋନୀସ୍ଥିତ ବାପୁଜୀ ଶିକ୍ଷା ନିକେତନର ୧୯ତମ ବାର୍ଷିକ ଉତ୍ସବ କଳାବିକାଶ କେନ୍ଦ୍ରରେ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାତାପିତାଙ୍କ ପ୍ରତି ସମ୍ମାନ ରହିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ପିଲାଙ୍କ ବୌଦ୍ଧିକ ବିକାଶରେ ମାନସିକ ଚାପ ବାଧକ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ବିଧାୟିକା ସୋଫିଆ ଫିର୍ଦ୍ଦୋସ ଅନୁଷ୍ଠାନର ବହୁମୁଖୀ ସଫଳତା କାମନା କରିଥିଲେ। ସିଆର୍‌ସିସି ରାଜଶ୍ରୀ ମହାପାତ୍ର, ନିରଞ୍ଜନ ବାରିକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ଅଧକ୍ଷ ଅଶୋକ କୁମାର ରଥ ସଭାପତିତ୍ୱ କରିଥିଲେ। ସମ୍ପାଦକ ବିଭୁଦତ୍ତ ସାହୁ ବିବରଣୀ ପାଠ କରିଥିବାବେଳେ ମଞ୍ଜୁଲତା ଜେନା, ସତ୍ୟଜିତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୫ରୁ ଓସ୍‌ମେ କର୍ପୋରେଟ୍ ଟି-୨୦ କ୍ରିକେଟ୍ ମ୍ୟାଚ୍




ଟି-୨୦ କ୍ରିକେଟ ପାଇଁ ଟ୍ରଫି ଉନ୍ମୋଚନ କରାଯାଉଛି।

କଟକ, ୨୩।୩(କାର୍ତ୍ତିକ ସାହୁ)

### ଟ୍ରଫି ଉନ୍ମୋଚନ

ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ (ଓସ୍‌ମେ) ପକ୍ଷରୁ ଟି-୨୦ କ୍ରିକେଟ ମ୍ୟାଚ୍ ଆସନ୍ତା ଏପ୍ରିଲ ୫ ତାରିଖରୁ ପ୍ରତି ଶନିବାର ଓ ରବିବାର ଭୁବନେଶ୍ୱରସ୍ଥିତ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ଏବଂ ଇଡ୍‌କୋ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ଇଡ୍‌କୋ, ଟିସିଏସ୍, ଡିସିବି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଆଇ ସର୍ଭ ୟୁ, କିଟ୍, ଲୟର୍ସ ଏବଂ ଓଡ଼ିଶା ପୋଲିସ ଭଳି କର୍ପୋରେଟ ଟିମ୍ ସହ ସିସିସି, ଏସ୍‌ଏସ୍‌ସି, ରୟାଲ ରେଞ୍ଜର୍ସ, ଆର୍‌ସିସି, ଉତ୍କଳ ସ୍ମାର୍ଟିଜ୍, ଏବି ୟୁନିକର୍ନ, କର୍ପୋରେଟ୍ ଇନଭାଇଟେସନ ଏକାଦଶ ଓ ରୟାଲ ଷ୍ଟ୍ରାଇକର୍ସ ଭଳି କର୍ପୋରେଟ ସଂସ୍ଥାର କର୍ମଚାରୀଙ୍କ ଟିମ ମଧ୍ୟ ବିପକ୍ଷରେ ଖେଳିବେ। ପ୍ରତିଦିନ ୨ଟି ମ୍ୟାଚ୍ ସକାଳ ୭ଟାରୁ ୧୦ଟା ୩୦ ଓ ଅପରାହ୍ନ ୨ଟାରୁ ୫ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତା ମେ' ୧୨ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଚାମ୍ପିୟନ ଟିମ୍‌କୁ ୫୦ହଜାର, ରନର ଅପ୍ ଟିମ୍‌କୁ ୩୦ ହଜାର ଟଙ୍କାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯିବ। ଚହଟାସ୍ଥିତ ଏକ ହୋଟେଲରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓସ୍‌ମେ ସମ୍ପାଦକ ସାତ୍ୱିକ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଅବସରରେ ଟ୍ରଫି ଉନ୍ମୋଚନ ହୋଇଯାଇଛି। ଓସ୍‌ମେ ଚେୟାରମ୍ୟାନ୍ ଗୌରୀଶଙ୍କର ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଭାଷା ସାହିତ୍ୟ ମହୋତ୍ସବ

କଟକ ସଦର, ୨୩।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାର ଭୁଆସୁଣୀ ପୀଠରେ ଯଦୁମଣି ସାହିତ୍ୟ କଳା ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଭାଷା ସାହିତ୍ୟ ମହୋତ୍ସବ ଓ କବି ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ବିଜୟ ମଲ୍ଲ ଯୋଗଦେଇ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ପାଇଁ କହିଥିଲେ। ବିଜୟ ଭୂଷଣ ପତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅରୁଣ ଦାସ, ସମ୍ମାନିତ ଅତିଥି ଭାବେ ଗୀତିକାର ଅରୁଣ ମନ୍ତ୍ରୀ, ରାଜ୍ୟ ମାନବାଧିକାର ଆୟୁକ୍ତଙ୍କ ସଦସ୍ୟ ଅସୀମ ଅମିତାଭ ଦାସ, ଅକ୍ଷୟ ମହାନ୍ତି, ଆଲୋକ ନାୟକ ଯୋଗଦେଇଥିଲେ। ପରିଷଦର ସଭାପତି ଶରତ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କଳା ପରିଷଦ ମହୋତ୍ସବରେ ସମ୍ପାଦକ ଶ୍ୟାମସୁନ୍ଦର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଦାସକାଠିଆ ମାଧ୍ୟମରେ ଲଡୁକେଶ୍ୱର ପ୍ରତିହାରୀ ପୁରାତନ କବିମାନଙ୍କ ଗୀତ ଆବୃତ୍ତି କରିଥିଲେ। ଚନ୍ଦ୍ରକାନ୍ତ ପଣ୍ଡାଙ୍କ ସଂଯୋଜନାରେ କବୟିତ୍ରୀ, କବିମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅଧ୍ୟାପକ ଗଣେଶ୍ୱର ଦାଶ ଧନ୍ୟବାଦ ଦେଇଥିଲେ।

# କବି ବିପ୍ଳବଙ୍କୁ ପ୍ରାଚୀଧାରା ଗଳ୍ପ ସମ୍ମାନ ପ୍ରଦାନ

ବାଙ୍କୀ, ୨୩।୩(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ସମୟର ପ୍ରାଚୀଧାରା ବାଲିପାଟଣା ଏବଂ ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ପ୍ରାଚୀଧାରା ତ୍ରୟୋଦଶ ସାରସ୍ୱତ ମହାକୁମ୍ଭ-୨୦୨୫ ପାଇଁ ଗାଳ୍ପିକ ବିପ୍ଳବଙ୍କୁ ପ୍ରାଚୀଧାରା ସମ୍ମାନରେ ସମ୍ମାନିତ କରାଯାଇଛି। ବାଙ୍କୀ କବି ବିପ୍ଳବ ରାଜ୍ୟସ୍ତରୀୟ ବିଭିନ୍ନ ଉତ୍ସବରେ ପୂର୍ବରୁ ବହୁବାର ସମ୍ମାନିତ ହୋଇଛନ୍ତି। ଏହି ଉତ୍ସବରେ ପ୍ରଫେସର ଆଦିକନ୍ଦ ସାହୁ, କବି ଫନୀ ମହାନ୍ତି, କବି ବିପିନ ବିହାରୀ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନ ସମ୍ପାଦକ ଭଗବାନ ସାହୁ ଧନ୍ୟବାଦ ଦେଇଥିଲେ।

# ୨ ବାଇକ୍ ଧକ୍କା: ଜଣେ ମୃତ, ୨ ଗୁରୁତର

ନିଶ୍ଚିନ୍ତକୋଇଲି, ୨୩।୩(ଅଶୋକ କୁମାର ମହାପାତ୍ର)

କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ପଞ୍ଚାୟତର ପାଟପୁର ଛକ ନିକଟରେ ରବିବାର ୨ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛି। ମୃତକ ହେଲେ ପାଟପୁର ଗ୍ରାମର ଅନନ୍ତ ଚରଣ ସେଠୀ। ଗୁରୁତରଦ୍ୱୟ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବେଲପଳା ଅଞ୍ଚଳର ଆଦିତ୍ୟ ତ୍ରିପାଠୀ ଓ ଅବିନାଶ ତ୍ରିପାଠୀ। ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଖବର ଲେଖାହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଅନନ୍ତ ଦୀର୍ଘବର୍ଷ ହେଲା ନିଶ୍ଚିନ୍ତକୋଇଲି ବ୍ଲକ ଛକ ନିକଟରେ ଏକ ଗ୍ୟାସ୍ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ସେ ରବିବାର ରାତିରେ ଦୋକାନ ବନ୍ଦକରି ବାଇକ୍‌ରେ ଘରକୁ ଫେରୁଥିଲେ। ପାଟପୁର ଛକ ନିକଟରେ ଅନ୍ୟ ଏକ ବାଇକ୍‌ରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଆସୁଥିବା ଆଦିତ୍ୟ ଓ ଅବିନାଶ ତାଙ୍କୁ ଧକ୍କା ଦେଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅନନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୋମବାର ଅନନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯିବ।

# 'ଆଠଗଡ଼ ଏକ ଐତିହ୍ୟ, ସଂସ୍କୃତି ସମ୍ପନ୍ନ ଅଞ୍ଚଳ'

ଆଠଗଡ଼, ୨୩।୩(ସତ୍ୟପ୍ରସାଦ ରଥ)

ଆଠଗଡ଼ ସାହିତ୍ୟ ସମାଜ ଆନୁକୂଲ୍ୟରେ ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ହୋଲି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜ ସଭାପତି ସୁରେଶ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ୍ ମହାନ୍ତି ଏବଂ ସାହିତ୍ୟିକ ଡ. ନାରାୟଣ ପଣ୍ଡା ଯୋଗଦେଇଥିଲେ। ଆଠଗଡ଼ ଏକ ସାହିତ୍ୟ, ଐତିହ୍ୟ, ସଂସ୍କୃତି ସମ୍ପନ୍ନ ଅଞ୍ଚଳ। ଆଠଗଡ଼ ଅଞ୍ଚଳର ବହୁ ଗୁଣୀ ଜ୍ଞାନୀଙ୍କ ପରିକଳ୍ପନା ଆଜି ସାହିତ୍ୟ ସମାଜକୁ ଆଗେଇ ନେବାରେ ସଫଳ ହୋଇଛି ବୋଲି ଅତିଥି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାହିତ୍ୟ ସମାଜର ପୂର୍ବତନ ସଭାପତି ପ୍ରାଣକୃଷ୍ଣ ଦାସ ଯୋଗଦେଇଥିଲେ। ପ୍ରାରମ୍ଭରେ ଆଠଗଡ଼ ସାହିତ୍ୟ ସମାଜ ପକ୍ଷରୁ ବର୍ଷୀୟାନ କବି ରମାକାନ୍ତ ରଥ, ଆଠଗଡ଼ ସାହିତ୍ୟ ସମାଜର ପୂର୍ବତନ ସଭ୍ୟ ନରହରି ନନ୍ଦ ଏବଂ ରମେଶ ମହାପାତ୍ରଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାହିତ୍ୟ ସମାଜର ସଭ୍ୟା ପୁଲିନ ମିଶ୍ର ଅତିଥି ପରିଚୟ ଓ ସମ୍ପାଦକ ଲଲାଟେନ୍ଦୁ ସେନାପତି ସଭା ପରିଚାଳନା କରିଥିଲେ। ସଭ୍ୟା ଦୀପାଳି ଦାଶଙ୍କ ପକ୍ଷରୁ ହୋଲି ଅବସରରେ ସମସ୍ତଙ୍କୁ ରଙ୍ଗ ଅବିର ପ୍ରଦାନ କରାଯାଇଥିଲା। ବର୍ଷୀୟାନ ସଭ୍ୟ ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କୁ ଭାବବିନୋଦିଆ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ହରେକୃଷ୍ଣ ଦାଶଙ୍କ ପ୍ରଦତ୍ତ ଭାବବିନୋଦିଆ ସମ୍ମାନରେ କଳ୍ପଲତା ଦାଶ ସହଯୋଗ କରିଥିଲେ। ଆଇନଜୀବୀ ତଥା ସାହିତ୍ୟ ସମାଜ ଉପସଭାପତି ବିଷ୍ଣୁ ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ। ସଭାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ ମହାପାତ୍ର, ଶିକ୍ଷାବିତ୍ ପ୍ରମୋଦ କୁମାର ଜେନା, ତ୍ରିଲୋଚନ ଦାସ, ଗଣେଶ ପ୍ରସାଦ ରାଉତ, ସଦାନନ୍ଦ ପଟ୍ଟନାୟକ, ତ୍ରିଲୋଚନ ବେହେରା, ପ୍ରମୋଦ ବିଶୋଇ, ସାହିତ୍ୟିକା ସବିତା ମଞ୍ଜରୀ ଭୋଇ ପ୍ରମୁଖ ବହୁ ସାହିତ୍ୟିକ ଓ ସାମାଜିକ କର୍ମୀ କବିତା ପାଠ କରିଥିଲେ।



ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କୁ ଭାବବିନୋଦିଆ ସମ୍ମାନରେ ସମ୍ମାନିତ କରାଯାଉଛି।

### ଆଠଗଡ଼ ସାହିତ୍ୟ ସମାଜ ହୋଲି ଉତ୍ସବ

## ଫଟୋରେ ଖବର




ଶହୀଦ ଭଗତ୍ ସିଂ, ସୁଖ ଦେବ, ରାଜ ଗୁରୁଙ୍କ ଶହୀଦ ଦିବସ ଅବସରରେ ଏଆଇଡିଏସ୍‌ଓ ପକ୍ଷରୁ କଟକ କଲେଜ ଛକଠାରୁ ବାହାରିଥିବା ମଶାଲ ଶୋଭାଯାତ୍ରା।




କଟକ ଦେଉଳ ସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟ-୨୦୨୫ର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

